

Odia Daily

www.theutkalsamachar.com

ଉତ୍କଳ ସମାଚାର

ବୈପ୍ଳବିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR



✦Vol - 22✦ Issue No:186✦2 November 2026 (Monday)✦Rourkela ✦Rs.2.00 ✦Page -1 ✦୨୨ ବର୍ଷ ✦ସଂଖ୍ୟା:୧୮୬✦୨ ନଭେମ୍ବର ୨୦୨୬ (ସୋମବାର)✦ ରାଉରକେଲା ✦ମୂଲ୍ୟ:ଟ.୨.୦୦✦ ପୃଷ୍ଠା-୬

ରୁଷର ତୈଳ ବିଶୋଧନାଗାର ଉପରେ ୟୁକ୍ରେନର ଡ୍ରୋନ୍ ଆକ୍ରମଣ



ମସ୍କୋ/କିଭ୍,୧/୧୧:ରୁଷ-ୟୁକ୍ରେନ୍ ଯୁଦ୍ଧ ଆହୁରି ଉଗ୍ର ରୂପ ଧାରଣ କରିଥିବା ବେଳେ, ରୁଷିଆର ରାଜଧାନୀ ମସ୍କୋର ପୂର୍ବ ଭାଗରେ ଥିବା ଏକ ପ୍ରମୁଖ ତୈଳ ବିଶୋଧନାଗାର ଉପରେ ୟୁକ୍ରେନ୍ ପକ୍ଷରୁ ବଡ଼ ଡ୍ରୋନ୍ ଆକ୍ରମଣ କରାଯାଇଛି। ନିଜ୍ନି ନୋଭଗୋରୋଡ୍ ଅଂଚଳର କସଟୋଭୋ ଜିଲ୍ଲାରେ ଥିବା ରୁଷିଆର ସବୁଠାରୁ ବଡ଼ ତୈଳ ଓ ଇନ୍ଧନ ବିଶୋଧନାଗାର ଉପରେ ରାତିସାରା ଏହି ବ୍ୟାପକ ଡ୍ରୋନ୍ ଆକ୍ରମଣ ହୋଇଥିବା ରୁଷିଆ ସ୍ୱୀକାର କରିଛି। ନିଜ୍ନି ନୋଭଗୋରୋଡର ରାଜ୍ୟପାଳ ଗ୍ଲେବ୍ ନିକିଟିନ୍ କହିଛନ୍ତି ଯେ, ରାତ୍ରିକାଳୀନ ଡ୍ରୋନ୍ ଆକ୍ରମଣ ଯୋଗୁଁ କସଟୋଭୋ ଜିଲ୍ଲାସ୍ଥିତ ଶିଳ୍ପାନୁଷ୍ଠାନଟି ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଛି। ରୁଷିଆର ବିମାନ ସୁରକ୍ଷା ବାହିନୀ ୧୦୦ରୁ ଊର୍ଦ୍ଧ୍ୱ ୟୁକ୍ରେନୀୟ ଡ୍ରୋନକୁ ଆକାଶମାର୍ଗରେ ହିଁ ଧ୍ୱଂସ କରିଦେଇଥିବା ବେଳେ, ପ୍ରାଥମିକ ସୂଚନା ଅନୁଯାୟୀ ଏହି ଘଟଣାରେ କୌଣସି ମୃତାହତ ହୋଇନାହାନ୍ତି। ଅପରପକ୍ଷରେ, ୟୁକ୍ରେନ୍ ଗଣମାଧ୍ୟମ ଦାବି କରିଛି ଯେ ସେମାନଙ୍କ ସେନା ରୁଷିଆର ଶକ୍ତି ଉତ୍ପାଦନ କରୁଥିବା ଏହି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ରିଫାଇନାରୀକୁ ସଫଳତାର ସହ ଟାର୍ଗେଟ୍ କରିଛି। ରୁଷିଆର ବରିଷ୍ଠ ଅଧିକାରୀ ଆଲେକ୍ସଜାଣ୍ଡାର୍ ନୋଭାକ୍ ସରକାରୀ ଟିଭିକୁ ସୂଚନା ଦେଇ କହିଛନ୍ତି ଯେ, କିଛି ଦିନର ବିରାମ ପରେ ୟୁକ୍ରେନ୍ ପୁଣି ଥରେ ରୁଷର ଶକ୍ତି ଭିତ୍ତିଭୂମି ଉପରେ ଆକ୍ରମଣ ଆରମ୍ଭ କରିଛି। ନିକଟରେ ୟୁକ୍ରେନ୍ ରୁଷିଆର ୩ଟି ତୈଳ ବିଶୋଧନାଗାର ଏବଂ ଗୋଟିଏ ଗ୍ୟାସ୍-କେମିକାଲ୍ କମ୍ପ୍ଲେକ୍ସକୁ ଟାର୍ଗେଟ୍ କରିସାରିଛି। ୨୦୨୨ ଫେବୃଆରୀରୁ ଆରମ୍ଭ ହୋଇଥିବା ଯୁଦ୍ଧ ମଧ୍ୟରେ ରୁଷିଆର ଶକ୍ତି କେନ୍ଦ୍ରଗୁଡ଼ିକୁ ଧ୍ୱଂସ କରିବା ପାଇଁ ୟୁକ୍ରେନ୍ ଏହି ପାଲଟା ରଣନୀତି ଆପଣାଇଛି। ତେବେ ବିଶ୍ୱ ବଜାରରେ ଡିଜେଲର ଦର ବୃଦ୍ଧି ପାଇଁ ଏହି ଆକ୍ରମଣଗୁଡ଼ିକୁ ଦାୟୀ କରି, ଏପରି ଆକ୍ରମଣରୁ ବିରତ ରହିବାକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗତ କିଛି ସପ୍ତାହ ହେବ କିଭ୍ ଉପରେ କ୍ରମାଗତ ଚାପ ସୃଷ୍ଟି କରିଆସୁଛନ୍ତି।

'ବିରୋଧୀ ଏବେ ଅବରୋଧ ପକ୍ଷ' : ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ,୧/୧୧:ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁଜରାଟର ଏକତା ନଗରରେ ଏକ କାର୍ଯ୍ୟକ୍ରମକୁ ସମ୍ବୋଧନ କରି ବିରୋଧୀଙ୍କୁ ନିଶାଣ କରିଛନ୍ତି। ବିଶ୍ୱବ୍ୟାପୀ ଶକ୍ତି ସଙ୍କଟ ମଧ୍ୟରେ ଦେଶ ବିରୋଧୀ ଶକ୍ତିମାନେ ସକ୍ରିୟ ହୋଇଉଠିଛନ୍ତି ବୋଲି ମୋଦୀ କହିଛନ୍ତି। ବିରୋଧୀ ଦଳ ଏବେ 'ବିରୋଧ ପକ୍ଷ' ବଦଳରେ 'ଅବରୋଧ ପକ୍ଷ' ପାଲଟିଯାଇଥିବା ସେ କଟାକ୍ଷ କରିଛନ୍ତି। ବିଦେଶରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ଗୁପ୍ତ ବୈଠକ ଉପରେ ପ୍ରଶ୍ନ ଉଠାଇଛନ୍ତି। ଭାରତକୁ ଭାଗ ଭାଗ କରିବା ପାଇଁ ବିରୋଧୀ ଷଡ଼ଯନ୍ତ୍ର କରୁଥିବା ଅଭିଯୋଗ ଲଗାଇଛନ୍ତି। ଏହା ସହିତ ସାମାଜିକ ଗଣମାଧ୍ୟମକୁ ମିଛ ପ୍ରଚାରପ୍ରସାର ଓ ଭାରତର ଛବି ଖରାପ କରିବାକୁ ବ୍ୟବହାର କରାଯାଉଥିବା କହିଛନ୍ତି। ସେ 'ଦିମାଗୀ ନକ୍ସଲ'ଙ୍କୁ ନେଇ ମଧ୍ୟ ସତର୍କ କରାଇଛନ୍ତି। ଏଥିସହିତ ଦେଶର ସୀମା ସୁରକ୍ଷା ସୁନିଶ୍ଚିତ କରିବା ଓ 'ଧର୍ମନିରପେକ୍ଷ ସମାନ ନାଗରିକ ସଂହିତା' ଦିଗରେ ଆଗକୁ ବଢ଼ିବାର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଛନ୍ତି।

ତୁମ ନକଲି ସଂସଦର ପ୍ରଧାନମନ୍ତ୍ରୀ ତୁମେ ହୋଇପାରିବ'; ରାହୁଲଙ୍କୁ ଅମିତ ଶାହଙ୍କ କଟାକ୍ଷ



ଚଣ୍ଡିଗଡ଼,୧/୧୧: କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ଟାର୍ଗେଟ କରି ବର୍ଷିଛନ୍ତି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ। ରବିବାର ଚଣ୍ଡିଗଡ଼ରେ ଏକ ସଭାକୁ ସମ୍ବୋଧିତ କରି ରାହୁଲଙ୍କ ରାଜନୈତିକ ଆଭିମୁଖ୍ୟ, ପ୍ରଧାନମନ୍ତ୍ରୀ ହେବାର ଆକାଂକ୍ଷା ଏବଂ କଂଗ୍ରେସର ନିର୍ବାଚନୀ ପ୍ରଦର୍ଶନକୁ ନେଇ କଟାକ୍ଷ କରିଛନ୍ତି ଶାହ । ରାହୁଲଙ୍କ 'ମହବତ କି ଦୋକାନ' ସ୍ଲୋଗାନକୁ ନେଇ ମଧ୍ୟ ସେ ତାଚ୍ଛଲ୍ୟ କରିଛନ୍ତି। ଶାହ କହିଛନ୍ତି, ରାହୁଲ ଗାନ୍ଧୀଙ୍କ 'ମହବତ କି ଦୋକାନ'ରେ ଭଲପାଇବା ବଦଳରେ କେବଳ ଘୃଣା ହିଁ ମିଳିବ। ଏହି ମନ୍ତବ୍ୟ ଜରିଆରେ କଂଗ୍ରେସ ନେତାଙ୍କ ରାଜନୈତିକ ନାରାକୁ ନେଇ ଶାହ ସିଧାସଳଖ ଆକ୍ରମଣ କରିଛନ୍ତି। ରାହୁଲ ଗାନ୍ଧୀଙ୍କ ମକ୍ ପାର୍ଲାମେଂଟ ବା ନକଲି ସଂସଦ ଆୟୋଜନକୁ ନେଇ ମଧ୍ୟ ଅମିତ ଶାହ କଟାକ୍ଷ କରିଛନ୍ତି। ସେ କହିଛନ୍ତି, ରାହୁଲ ଗାନ୍ଧୀ ପ୍ରଧାନମନ୍ତ୍ରୀ ହେବାକୁ ଚାହୁଛନ୍ତି । ତେଣୁ ନିଜର ଏହି ଆକାଂକ୍ଷା ପୂରଣ କରିବାକୁ ସେ ନକଲି ସଂସଦର ନୂଆ ରଣନୀତି ଆପଣାଇଛନ୍ତି। "ରାହୁଲ ଜୀ, ଆପଣ ନିଜର ଏହି ନକଲି ସଂସଦରେ ପ୍ରଧାନମନ୍ତ୍ରୀ ହୋଇ ରହିପାରିବେ, କିନ୍ତୁ ଦେଶର ପ୍ରଧାନମନ୍ତ୍ରୀ ହେବାର ସ୍ୱପ୍ନ କେବେ ପୂରଣ ହେବନାହିଁ।" ଏହା ସହ ଦିଲ୍ଲୀରେ କଂଗ୍ରେସର ଦୁର୍ବଳ ନିର୍ବାଚନୀ ପ୍ରଦର୍ଶନକୁ ନେଇ ମଧ୍ୟ ଶାହ ଦଳକୁ ଘେରିଛନ୍ତି। ସେ କହିଛନ୍ତି, ଗତ ତିନୋଟି ଦିଲ୍ଲୀ ବିଧାନସଭା ନିର୍ବାଚନରେ କଂଗ୍ରେସ ଗୋଟିଏ ହେଲେ ଆସନ ଜିତିପାରିନାହିଁ । ଆଗାମୀ ତିନୋଟି ନିର୍ବାଚନରେ ମଧ୍ୟ ଦଳର ସମାନ ଅବସ୍ଥା ହେବ ବୋଲି ସେ ଦାବି କରିଛନ୍ତି। ବିରୋଧୀ ଦଳରେ ବସିବାକୁ ଏବେଠାରୁ ପ୍ରସ୍ତୁତ ରହିବାକୁ କଂଗ୍ରେସକୁ ପରାମର୍ଶ ଦେଇଛନ୍ତି ଶାହ । ୨୦୨୭ ପଞ୍ଜାବ ବିଧାନସଭା ନିର୍ବାଚନକୁ ନେଇ ମଧ୍ୟ ବଡ଼ ବୟାନ ଦେଇଛନ୍ତି ଅମିତ ଶାହ । ପଞ୍ଜାବରେ ବିଜେପି କୌଣସି ମେଂଟର ଜୁନିୟର ସହଯୋଗୀ ହୋଇ ରହିବାକୁ ଚାହୁନାହିଁ । ବରଂ ନିଜ ଦମରେ ସରକାର ଗଠନ କରିବା ପାଇଁ ଦଳ ଜନମତ ଲୋଡ଼ିବ ବୋଲି ସେ ସ୍ପଷ୍ଟ କରିଛନ୍ତି । ପଞ୍ଜାବରେ ନିଶା କାରବାର ଓ ନିଶାସେବନ ସମସ୍ୟାକୁ ବିଜେପି ନିଜର ମୁଖ୍ୟ ନିର୍ବାଚନୀ ପ୍ରସଙ୍ଗ କରିବାକୁ ଯୋଜନା କରିଛି । ୨୦୨୯ ଡିସେମ୍ବର ୩୧ ସୁଦ୍ଧା ପଞ୍ଜାବ ସମେତ ସାରା ଦେଶକୁ ନିଶାମୁକ୍ତ କରିବାକୁ ଶାହ ପ୍ରତିଶ୍ରୁତି ଦେଇଛନ୍ତି । ଅନ୍ୟପଟେ ଆମ୍ ଆଦମୀ ପାର୍ଟି ପକ୍ଷରୁ ୪୦ ଜଣ ପ୍ରାର୍ଥୀଙ୍କ ପ୍ରଥମ ତାଲିକା ପ୍ରକାଶ ପାଇବା ପରେ ପଞ୍ଜାବ ରାଜନୀତି ଆହୁରି ସରଗରମ ହୋଇଛି ।

ୟୁକ୍ରେନକୁ ୫୦୦ ପ୍ୟାଟ୍ରିଅଟ୍ ମିସାଇଲ୍ ଦେବ ଆମେରିକା



ନୂଆଦିଲ୍ଲୀ,୧/୧୧: ଆମେରିକା ୟୁକ୍ରେନକୁ ୫୦୦ ପ୍ୟାଟ୍ରିଅଟ୍ ମିସାଇଲ୍ ବିକ୍ରି କରିବ । ଦେଶର ବିଦେଶ ବିଭାଗ ଏଥିଲାଗି ୧୯ ହଜାର କୋଟିର ବୁଝାମଣାକୁ ମଞ୍ଜୁରି ଦେଇଛି । ତେବେ ଏ ବାବଦ ସମସ୍ତ ଖର୍ଚ୍ଚ କାନାଡା ଏବଂ ୟୁରୋପୀୟ ଦେଶ ବହନ କରିବେ। ଏହି ବୁଝାମଣା ଅନୁସାରେ ୟୁକ୍ରେନକୁ ପ୍ୟାଟ୍ରିଅଟ୍‌ର ସବୁଠୁ ଆଧୁନିକ ଭର୍ସନ ପିଏସି-୩ ଏମ୍‌ଏସ୍‌ଇ ମିସାଇଲ ମିଳିବ । ଏହା ଆକାଶମାର୍ଗରେ ହିଁ ଶତ୍ରୁପକ୍ଷର ବାଲିଷ୍ଟିକ୍ ମିସାଇଲ୍‌କୁ ଧ୍ୱଂସ କରିପାରିବ । ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ସୋସିଆଲ୍ ମିଡିଆ ପ୍ଲାଟଫର୍ମ ଏକ୍ସରେ ଆମେରିକାର ଏହି ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି । ୧୯ ହଜାର କୋଟି ଟଙ୍କାର ବୁଝାମଣାକୁ ମଞ୍ଜୁର ମିଳିଛି । ଏହି ମିସାଇଲ୍ ଦ୍ୱାରା ୟୁକ୍ରେନର ଶକ୍ତି ବଢ଼ିବ କିନ୍ତୁ ଚିନ୍ତାରେ ଜେଲେନ୍‌ସ୍କି । ଏଥିସହ ସେ ମିସାଇଲ୍ ଯୋଗାଣରେ ଅନେକ ବର୍ଷ ଲାଗିଯିବ ବୋଲି ଦର୍ଶାଇ ଉଦ୍‌ବେଗ ମଧ୍ୟ ପ୍ରକାଶ କରିଛନ୍ତି । ଜେଲେନ୍‌ସ୍କି ଲେଖିଛନ୍ତି, ରୁଷ୍ ଶୀତଦିନ ପୂର୍ବରୁ ୟୁକ୍ରେନର ବିଜୁଳି ଭିତିଭୂମିକୁ ଟାର୍ଗେଟ କରୁଛି। ବିଗତ ୨ ସପ୍ତାହ ମଧ୍ୟରେ ଦେଶର ବିଜୁଳି ନେଟ୍‌ୱର୍କର ଗୁରୁତ୍ୱପୂର୍ଣ୍ଣ ଅଂଶ ଉପରେ ରୁଷ୍ ୩୦ରୁ ଅଧିକ ଆକ୍ରମଣ କରିଛି ।

ଜର୍ମାନୀରେ ତେଜିଲା 'ଜେନ୍ ଜି' ଆନ୍ଦୋଳନ:

ପୁଲିସ ଉପରକୁ ପେଟ୍ରୋଲ୍ ବୋମା ମାଡ଼



ଫ୍ରାଙ୍କଫର୍ଟ/ବର୍ଲିନ୍,୧/୧୧:ବାଧ୍ୟତାମୂଳକ ସାମରିକ ସେବା ପ୍ରତ୍ୟାହାର, ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଅଧିକ ସରକାରୀ ଅନୁଦାନ ଏବଂ କ୍ରମବର୍ଦ୍ଧିଷ୍ଣୁ ସାଧାରଣ ଜୀବନଯାପନ ଖର୍ଚ୍ଚ ବିରୋଧରେ ଜର୍ମାନୀରେ ଯୁବପିଢ଼ିଙ୍କ ଆନ୍ଦୋଳନ ଉଗ୍ର ରୂପ ଧାରଣ କରିଛି। 'ଜେନ୍ ଜି ରେଗେଲ୍ଟ' ସଂଗଠନର ଆହ୍ୱାନରେ ବର୍ଲିନ୍, ଫ୍ରାଙ୍କଫର୍ଟ, ମ୍ୟୁନିଚ୍, ହାମ୍ବୁର୍ଗ ସମେତ ଦେଶର ୩୪ରୁ ଊର୍ଦ୍ଧ୍ୱ ସହରରେ ଦଶହଜାରରୁ ଅଧିକ ଯୁବକ-ଯୁବତୀ ରାଜରାସ୍ତାକୁ ଓହ୍ଲାଇଛନ୍ତି। ତେବେ ଶନିବାର ରାତିରେ ଫ୍ରାଙ୍କଫର୍ଟରେ ଏହି ପ୍ରଦର୍ଶନ ହିଂସାତ୍ମକ ରୂପ ନେଇଥିବା ବେଳେ ମୁଖାପିନ୍ଧା ଦୁର୍ବୃତ୍ତମାନେ ବହୁ ବ୍ୟବସାୟିକ ପ୍ରତିଷ୍ଠାନ ଓ ଦୋକାନରେ ଲୁଟପାଟ୍ କରିବା ସହ ଭଙ୍ଗାରୁଜା କରିଛନ୍ତି। ଫ୍ରାଙ୍କଫର୍ଟ ସହର ମଧ୍ୟଭାଗରେ ସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲିଯିବାରୁ ପୁଲିସକୁ କଠୋର ପଦକ୍ଷେପ ଗ୍ରହଣ କରିବାକୁ ପଡ଼ିଛି। ମୁଖାପିନ୍ଧା ଉପଦ୍ରବକାରୀମାନେ ଅଗ୍ନିଶମ ଓ ସୁରକ୍ଷା କର୍ମୀଙ୍କ ଉପରକୁ ପେଟ୍ରୋଲ୍ ବୋମା ଏବଂ ପଥର ମାଡ଼ କରିଥିଲେ। ପୁଲିସ ସାରା ସହରରେ ସାଧାରଣ ନାଗରିକଙ୍କୁ ଘଟଣାସ୍ଥଳରୁ ଦୂରେଇ ରହିବାକୁ ବାରମ୍ବାର ନିବେଦନ କରିଛି। ସେହିପରି ହାମ୍ବୁର୍ଗରେ ଉନ୍ମୁକ୍ତ ଆନ୍ଦୋଳନକାରୀମାନେ ରାସ୍ତା ଅବରୋଧ ପାଇଁ ତିଆରି ହୋଇଥିବା ବ୍ୟାରିକେଡ୍‌ଗୁଡ଼ିକରେ ନିଆଁ ଲଗାଇ ଦେଇଛନ୍ତି, ଯାହାକୁ ନିୟନ୍ତ୍ରଣ କରିବା ପାଇଁ ୱାଟର କ୍ୟାନନ୍ ବ୍ୟବହାର କରାଯାଇଛି। ଜର୍ମାନ କାନସ୍ଲର ଫ୍ରିଡରିକ୍ ମେର୍ଜଙ୍କ ସରକାରୀ ନୀତିକୁ ସମାଲୋଚନା କରି ଯୁବ ସଂଗଠନର ବାକ୍ତା ଲିନା ଫ୍ରିଡରିକ୍ କହିଛନ୍ତି ଯେ, ଆମେ ଯୁଦ୍ଧ କିମ୍ବା ବାଧ୍ୟତାମୂଳକ ନିୟମ ପାଇଁ ନୁହେଁ, ବରଂ ଶାନ୍ତି, ସ୍ୱାଧୀନତା ଏବଂ ସୁଦୃଢ଼ ଶିକ୍ଷା-ସ୍ୱାସ୍ଥ୍ୟ ବ୍ୟବସ୍ଥା ପାଇଁ ସଂଗ୍ରାମ କରୁଛୁ। ଅନ୍ୟପକ୍ଷରେ, ଜର୍ମାନୀ ଗୃହ ମନ୍ତ୍ରଣାଳୟ ଚେତାବନୀ ଦେଇଛି ଯେ, ଶାନ୍ତିପୂର୍ଣ୍ଣ ଯୁବ ପ୍ରଦର୍ଶନର ସୁଯୋଗ ନେଇ କେତେକ ବାମପନ୍ଥୀ ଏବଂ ବିଦେଶୀ ଉଗ୍ରବାଦୀ ଗୋଷ୍ଠୀ ହିଂସା ସୃଷ୍ଟି କରୁଛନ୍ତି। ଫ୍ରାନ୍ସରେ ସମ୍ପ୍ରତି ଘଟିଥିବା ଗୃହଯୁଦ୍ଧ ଭଳି ଲୁଟପାଟ୍ ଓ ଭଙ୍ଗାରୁଜା ସ୍ଥିତି ଜର୍ମାନୀରେ କୌଣସି ପରିସ୍ଥିତିରେ ପ୍ରଶ୍ରୟ ଦିଆଯିବ ନାହିଁ ବୋଲି ହେସେ ରାଜ୍ୟର ଗୃହମନ୍ତ୍ରୀ ରୋମାନ୍ ପୋସେକ୍ କହିଛନ୍ତି।


ସମ୍ଭାବ୍ୟ ବାତ୍ୟା ଓ ବନ୍ୟା ମୁକାବିଲା ପାଇଁ ଗଞ୍ଜାମରେ ଜରୁରୀକାଳୀନ ବୈଠକ

ମତ୍ସ୍ୟଜୀବୀମାନେ ନଭେମ୍ବର ୨ରୁ ୪ ତାରିଖ ମଧ୍ୟରେ ସମୁଦ୍ରକୁ ନ ଯିବାକୁ ପରାମର୍ଶ



ଛତ୍ରପୁର,୧/୧୧(ନି/ପ୍ର):ଆସନ୍ତା ନଭେମ୍ବର ୨ ଓ ୩ ତାରିଖରେ ସମ୍ଭାବ୍ୟ ବାତ୍ୟା ଓ ପ୍ରବଳ ବର୍ଷା ଯୋଗୁଁ ବନ୍ୟା ଏବଂ ଜଳବନ୍ଦୀ ପରିସ୍ଥିତି ଉପୁଜିବାର ଆଶଙ୍କା ଥିବାରୁ ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଗୁଆ ପ୍ରସ୍ତୁତି ଓ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି। ଏହାର ମୁକାବିଲା ପାଇଁ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନଙ୍କ ଅଧ୍ୟକ୍ଷତାରେ ଆଜି ଛତ୍ରପୁରସ୍ଥିତ ଓସ୍ୱାନ୍ ସମ୍ମିଳନୀ କକ୍ଷରେ ଏକ ଜରୁରୀକାଳୀନ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ସମ୍ଭାବ୍ୟ ବର୍ଷା ଯୋଗୁଁ ଯେଉଁ ସବୁ ଅଂଚଳରେ ବନ୍ୟା ଓ ଜଳବନ୍ଦୀ ପରିସ୍ଥିତି ଉପୁଜିବାର ଆଶଙ୍କା ରହିଛି, ସେଠାରେ ପର୍ଯ୍ୟାପ୍ତ ପରିମାଣରେ ଖାଦ୍ୟ, ପାନୀୟ ଜଳ ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ମହଜୁଦ ରଖିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସମ୍ଭାବ୍ୟ ପ୍ରଭାବିତ ଅଂଚଳଗୁଡ଼ିକରେ ଆଗୁଆ ସୂକ୍ଷ୍ମ ଯୋଜନା ପ୍ରସ୍ତୁତ କରିବା ସହ ଆସନ୍ତାକାଲି ରାତି ସୁଦ୍ଧା ବିପଦସଂକୁଳ ସ୍ଥାନରେ ରହୁଥିବା ସମସ୍ତଙ୍କୁ ସୁରକ୍ଷିତ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରିବାକୁ ବିଡିଓ ଓ ତହସିଲଦାରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କୌଣସି ବିପଦସଂକୁଳ ସ୍ଥାନରେ ଯେପରି ଜଣେ ହେଲେ ବ୍ୟକ୍ତି ରହିବେ ନାହିଁ, ସେଥିପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବାକୁ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଛନ୍ତି। ପ୍ରତ୍ୟେକ ଗ୍ରାମରେ ମାଇକ୍ ଯୋଗେ ସଚେତନତା ଓ ସତର୍କ ସୂଚନା ପ୍ରଚାର କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ଜଳବନ୍ଦୀ ଆଶଙ୍କା ଥିବା ଅଂଚଳର ପ୍ରତ୍ୟେକ ଗ୍ରାମ ଓ ଗ୍ରାମପଚାୟତରେ ପର୍ଯ୍ୟାପ୍ତ ରାସନ ସାମଗ୍ରୀ, ରନ୍ଧା ଖାଦ୍ୟ, ପାନୀୟ ଜଳ ଏବଂ ଜେନେରେଟର ଆଦିର ବ୍ୟବସ୍ଥା କରିବାକୁ କୁହାଯାଇଛି। କୌଣସି ବ୍ୟକ୍ତି ଯେପରି ଭୋକିଲା ନ ରହିବେ, ସେଥିପାଇଁ ଉଦାରତାର ସହ ଖାଦ୍ୟ ଓ ରିଲିଫ୍ ସାମଗ୍ରୀ ବଣ୍ଟନ କରିବାକୁ ଜିଲ୍ଲାପାଳ ଅଧିକାରୀମାନଙ୍କୁ କହିଛନ୍ତି। ପ୍ରତ୍ୟେକ ଜୀବନ ମୂଲ୍ୟବାନ। ତେଣୁ ଦିନରାତି ଏକ କରି ନିଷ୍ଠାର ସହ କାର୍ଯ୍ୟ କରିବାକୁ ସେ ଆହ୍ୱାନ ଦେଇଛନ୍ତି। ବ୍ଲକ୍ ଓ ଗ୍ରାମପଚାୟତ ସ୍ତରରେ ଯେକୌଣସି ଆବଶ୍ୟକତା ଥିଲେ ତୁରନ୍ତ ଜିଲ୍ଲା ପ୍ରଶାସନକୁ ଅବଗତ କରାଇବାକୁ ବିଡିଓମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଗର୍ଭବତୀ ମହିଳାମାନଙ୍କୁ ତୁରନ୍ତ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବା ସହ ସମସ୍ତ ଅସୁରକ୍ଷିତ ସ୍ଥାନରେ ରହୁଥିବା ଲୋକଙ୍କୁ ଆଗୁଆ ସ୍ଥାନାନ୍ତର କରିବାକୁ କୁହାଯାଇଛି। ବର୍ଷା ଓ ବନ୍ୟା ଯୋଗୁଁ ପାନୀୟ ଜଳ ପ୍ରଦୂଷିତ ହେବାର ଆଶଙ୍କା ଥିବାରୁ ଏହାର ମୁକାବିଲା ପାଇଁ ପର୍ଯ୍ୟାପ୍ତ ଡାକ୍ତରୀ ଦଳ ଓ ସ୍ୱାସ୍ଥ୍ୟକର୍ମୀ ନିୟୋଜିତ କରିବାକୁ କୁହାଯାଇଛି। ଝାଡ଼ାବାନ୍ତି, ସାପ କାମୁଡ଼ା ଏବଂ ଅନ୍ୟାନ୍ୟ ସମ୍ଭାବ୍ୟ ସ୍ୱାସ୍ଥ୍ୟ ସମସ୍ୟାର ମୁକାବିଲା ପାଇଁ ଆବଶ୍ୟକ ଔଷଧ ଓ ଚିକିତ୍ସା ସେବା ପ୍ରସ୍ତୁତ ରଖିବାକୁ ଜିଲ୍ଲା ସ୍ୱାସ୍ଥ୍ୟ ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି। ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ମତ୍ସ୍ୟଜୀବୀମାନେ ନଭେମ୍ବର ୨ରୁ ୪ ତାରିଖ ମଧ୍ୟରେ ଏବଂ ପ୍ରତିକୂଳ ପାଣିପାଗ ସମୟରେ ସମୁଦ୍ରକୁ ନ ଯିବାକୁ ଜିଲ୍ଲାପାଳ ଅନୁରୋଧ କରିଛନ୍ତି। ଆବଶ୍ୟକତା ଅନୁଯାୟୀ ଏନ୍‌ଡିଆରଏଫ୍ ଓ ଓଡ୍ରାଫ୍ ଟିମ୍‌ଗୁଡ଼ିକୁ ସମ୍ବେଦନଶୀଳ ସ୍ଥାନରେ ଆଗୁଆ ମୁତୟନ କରିବାକୁ କୁହାଯାଇଛି। ଗୃହପାଳିତ ପଶୁ ଓ ଅନ୍ୟାନ୍ୟ ପ୍ରାଣୀସମ୍ପଦଙ୍କ ପାଇଁ ମଧ୍ୟ ପର୍ଯ୍ୟାପ୍ତ ପରିମାଣର ଖାଦ୍ୟ ମହଜୁଦ ରଖିବାକୁ ପ୍ରାଣୀ ସମ୍ପଦ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲ୍ଲାର ଲୋକମାନେ ସମ୍ପ୍ରତି ବନ୍ୟା ଯୋଗୁଁ ବହୁ ଦୁଃଖ ଓ କଷ୍ଟ ମଧ୍ୟରେ ରହିଛନ୍ତି।

ଗଭୀର ଅବପାତରେ ପରିଣତ ହେଲା ଅବପାତ



ଭୁବନେଶ୍ୱର,୧/୧୧(ନି/ପ୍ର): ଗଭୀର ଅବପାତରେ ପରିଣତ ହେଲା ଅବପାତ । ଦକ୍ଷିଣ ପୂର୍ବ ବଙ୍ଗୋପସାଗର ଥିବା ଅବପାତ ଅଧିକ ଘନୀଭୂତ ହେଉଛି । ଧୀରେ ଧୀରେ ଏହା ପଶ୍ଚିମ-ଉତ୍ତର ପଶ୍ଚିମ ଦିଗକୁ ଗତି କରୁଛି। ଆସନ୍ତା ୬ ଘଣ୍ଟା ମଧ୍ୟରେ ଏହା ଦକ୍ଷିଣ ପଶ୍ଚିମ ଓ ପଶ୍ଚିମ କେନ୍ଦ୍ର ବଙ୍ଗୋପସାଗର ଠାରେ ବାତ୍ୟାର ରୂପ ନେବ । ୨ ତାରିଖ ବେଳକୁ ବାତ୍ୟା ଅଧିକ ଘନୀଭୂତ ହୋଇ ଭୀଷଣ ବାତ୍ୟାର ରୂପ ନେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ବାତ୍ୟାର ଗତିପଥ ପଶ୍ଚିମ ଉତ୍ତର ପଶ୍ଚିମ ଦିଗକୁ ରହିବ । ଯାହାଫଳରେ ଆସନ୍ତା ୩ ତାରିଖ ବେଳକୁ ଏହା ଦକ୍ଷିଣ ଆନ୍ଧ୍ର ଉପକୂଳ ବିଶେଷ କରି ନେଲର ଓ ନାରସାପୁର ଠାରେ ସ୍ଥଳଭାଗ ଛୁଇଁବା ସମ୍ଭାବନା ରହିଛି । ୩ ତାରିଖ ସକାଳ ସୁଦ୍ଧା ଏହା ଲ୍ୟାଣ୍ଡଫଲ୍ କରିବାକୁ ନେଇ ପୂର୍ବାନୁମାନ କରିଛି ଭାରତୀୟ ପାଣିପାଗ ବିଭାଗ। ତେବେ ଲ୍ୟାଣ୍ଡଫଲ୍ ବେଳେ ଏହା ଭୀଷଣ ବାତ୍ୟା ଅବସ୍ଥାରେ ଅତିକ୍ରମ କରିବ। ସେହି ସମୟରେ ପବନର ବେଗ ୧୦୦ ରୁ ୧୧୦ ବା ଝଟକା ପବନ ୧୨୦ କିଲୋମିଟର ଘଣ୍ଟାପ୍ରତି ପ୍ରବାହିତ ହେବାର ସମ୍ଭାବନା ରହିଛି । ଦକ୍ଷିଣ ଓଡ଼ିଶାରେ ଏହାର ପ୍ରଭାବ ପଡ଼ିବ। ୩ ରୁ ୫ ତାରିଖ ପର୍ଯ୍ୟନ୍ତ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ।

ପ୍ରବଳ ତୁଷାରପାତ ଯୋଗୁଁ ନେପାଳ ହ୍ରଦରେ ୬ଜଣ ଭାରତୀୟ ନିଖୋଜ



କାଠମାଣ୍ଡୁ/ଦୋଲପା,୧/୧୧: ନେପାଳର ଦୁର୍ଗମ ଦୋଲପା ଜିଲ୍ଲାରେ ପ୍ରବଳ ତୁଷାରପାତ କାରଣରୁ ୬ ଜଣ ଭାରତୀୟ ପର୍ଯ୍ୟଟକ ନିଖୋଜ ହୋଇଯାଇଛନ୍ତି। ପ୍ରସିଦ୍ଧ ''ସେ ଫୋକ୍ସୁଣ୍ଡୋ'' ହ୍ରଦ ଅଭିମୁଖେ ଯାତ୍ରା କରୁଥିବା ସମୟରେ ଏହି ଦୁର୍ଘଟଣା ଘଟିଛି। ଉଦ୍ଧାର କାର୍ଯ୍ୟ ପାଇଁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ନେପାଳ ସେନାର ଏକ ସ୍ୱତନ୍ତ୍ର ଟିମକୁ ନିୟୋଜିତ କରାଯାଇଥିବା ବେଳେ, ହେଲିକପ୍ଟର ସହାୟତାରେ ସନ୍ଧାନ ଅଭିଯାନ ଚଳାଇବାକୁ ପ୍ରସ୍ତୁତି ଆରମ୍ଭ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ଗ୍ରୁପରେ ୪ ଜଣ ପୁରୁଷ ଏବଂ ୨ ଜଣ ମହିଳା ପର୍ଯ୍ୟଟକ ସାମିଲ ଅଛନ୍ତି। ସେମାନେ 'ଢୋ' ଅଂଚଳରୁ ସେ ଫୋକ୍ସୁଣ୍ଡୋ ହ୍ରଦ ଆଡ଼କୁ ଫେରୁଥିବା ସମୟରେ ''ନୁମା ଲା'' ଏବଂ ''ବାଗା ଲା'' ନାମକ ଦୁଇଟି ପାର୍ବତ୍ୟ ପାସ୍ ମଧ୍ୟରେ ଫସିଯାଇଛନ୍ତି। ବଙ୍ଗୋପସାଗରରେ ସୃଷ୍ଟ ସାମୁଦ୍ରିକ ଝଡ଼ ''ଅର୍ଣ୍ଣବ'' ପ୍ରଭାବରେ ସମଗ୍ର ହିମାଳୟ ପାର୍ବତ୍ୟାଂଚଳରେ ହଠାତ୍ ଭୟଙ୍କର ତୁଷାରପାତ ଆରମ୍ଭ ହୋଇଥିଲା। ସ୍ଥାନୀୟ ଗାଇଡ୍ ଓ ଗ୍ରାମବାସୀମାନେ ପର୍ଯ୍ୟଟକମାନଙ୍କୁ ପ୍ରତିକୂଳ ପାଣିପାଗ ନେଇ ପୂର୍ବରୁ ସାବଧାନ କରାଇଥିଲେ ହେଁ, ସେମାନେ ଯାତ୍ରା ଜାରି ରଖି ଫସିଯାଇଥିବା କୁହାଯାଉଛି।

ଆବଶ୍ୟକ

ଉତ୍କଳ ସମାଚାର

The Utkal Samachar

www.theutkalsamachar.com

ଦୈନିକ 'ଉତ୍କଳ ସମାଚାର'ର ସମସ୍ତ ଜିଲ୍ଲା ପାଇଁ: ଜିଲ୍ଲାସ୍ତରୀୟ ସାମ୍ବାଦିକ ଆବଶ୍ୟକ । ଇଚ୍ଛୁକ ପ୍ରାର୍ଥୀ ନିମ୍ନ ଠିକଣାରେ ଯୋଗାଯୋଗ କରିପାରିବେ ।

Address:Qrs No-B/204, Sec-16,Rourkela,

Mob:9692048008

Email: utkalsamachar@gmail.com



କେନ୍ଦୁଝର ସମାଚାର
A.R. KHAN
ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122

୯ ଗିରଫ; ଘଟଣାସ୍ଥଳରେ ସିନ୍ ରିକ୍ରିଏସନ୍ କଲା ପୁଲିସ





କେନ୍ଦୁଝର,୧/୧୧(ନି/ପ୍ର): ବହୁଚର୍ଚ୍ଚିତ କନେଷ୍ଟବଳଙ୍କ ସ୍ୱାମୀ ବ୍ୟବସାୟୀ ତ୍ରିଲୋଚନ ମହାନ୍ତ ହତ୍ୟାକାଣ୍ଡର ପର୍ଦ୍ଦାଫାଶ କରିଛି କେନ୍ଦୁଝର ପୁଲିସ। ଏହି ଘଟଣାରେ ୯ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେମାନଙ୍କ ମଧ୍ୟରେ ୩ ଜଣ ନାବାଳକ ରହିଛନ୍ତି। ଶୁକ୍ରବାର ଅଭିଯୁକ୍ତମାନଙ୍କୁ ଘଟଣାସ୍ଥଳକୁ ନେଇ ପୁଲିସ ସିନ୍ ରିକ୍ରିଏସନ୍ କରିଥିଲା। ଏହି ଘଟଣାରେ ଯାଜପୁର ଅଟଂଳର ଏରାଗୋଲା ଗୋଷ୍ଠୀର ସମ୍ପୃକ୍ତି ଥିବା କେନ୍ଦୁଝର ଏସ୍ ?ପି ନିତିନ କୁଶଳକର ଡାଗଡୁ କହିଛନ୍ତି। ଗତ ସେପ୍ଟେମ୍ବର ୨୮ ତାରିଖ ରାତି ପ୍ରାୟ ୧୦ ଟା ବେଳେ ଖଜୁରିପଶି ଗ୍ରାମର ତ୍ରିଲୋଚନ ମହାନ୍ତ ତଥା ପାଟଣା ଥାନାରେ କାର୍ଯ୍ୟରତ ମହିଳା କନେଷ୍ଟବଳଙ୍କ ସ୍ୱାମୀ କେନ୍ଦେଇପଶି ବଜାରରୁ ନିଜ ଜନସେବା କେନ୍ଦ୍ର ବନ୍ଦ କରି ପତ୍ନୀ ଙ୍କ ବାସଭବନ କୁ ସ୍କୁଟି ଯୋଗେ ଫେରୁଥିବା ସମୟରେ କେନ୍ଦେଇପଶି ପାଟଣା ରାସ୍ତାର ହନୁମାନ ଛକ ନିକଟରେ ଦୁର୍ବୃତଙ୍କ ଆକ୍ରମଣର ଶିକାର ହୋଇଥିଲେ। ତ୍ରିଲୋଚନ ପ୍ରତିରୋଧ କରିଥିଲା ବେଳେ ଦୁର୍ବୃନ୍ତମାନେ ଫାଙ୍କା ଗୁଳିଚାଳନା କରିଥିଲେ। ଘଟଣାସ୍ଥଳରେ ବିଭସ ଭାବେ ହତ୍ୟା କରିବା ପରେ ତାଙ୍କ ନିକଟରୁ ଟଙ୍କା ଓ ଲାପଟପ୍ ବ୍ୟାଗ୍ ଲୁଟି ନେଇଥିଲେ। ଏନେଇ ତୁରୁମୁଣ୍ଡା ଥାନାରେ ଏକ ମାମଲା ରୁଜ୍ ହୋଇଥିଲା। ଅତିରିକ୍ତ ଥାନାଧିକାରୀ ସବିତା ନାଏକ ଘଟଣାର ତଦନ୍ତ କରୁଥିଲେ। କେନ୍ଦୁଝର ପୁଲିସ ପକ୍ଷରୁ ସାଇଣ୍ଟିଫିକ ଟିମ୍ ସହାୟତ ।ରେ ତଦନ୍ତ ଜାରି ରହିବା ସହ ୧୦ଟି ଟିମ୍ ଦୁର୍ବୃତଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଛାନଭିନ ଜାରି ରଖି ଥିଲା। ପ୍ରଥମେ ଅଭିଯୁକ୍ତଙ୍କୁ ଜନସେବା କେନ୍ଦ୍ରକୁ ନିଆଯାଇଥିଲା। ପରେ ବଜାର ରାସ୍ତା ଦେଇ ହତ୍ୟାକାଣ୍ଡ ଘଟିଥିବା ସ୍ଥାନକୁ ନେଇ ସିନ୍ ରିକ୍ରିଏସନ୍ କରାଯାଇଥିଲା। ପୁଲିସର ସୂଚନା ଅନୁସାରେ, ଦୁଇ ଜଣ ଅଭିଯୁକ୍ତ ରାସ୍ତାକଡ଼ରେ ଲୁଚି ରହିଥିବାବେଳେ ଅନ୍ୟମାନେ ତ୍ରିଲୋଚନଙ୍କ ଗତିବିଧି ଉପରେ ନଜର ରଖି ତାଙ୍କୁ ପିଛା କରୁଥିଲେ। ସେ ଘଟଣାସ୍ଥଳରେ ପହଂଚିବା ପରେ ଆକ୍ରମଣ କରିବା ସହ ଗୁଳି ଚଳାଇଥିଲେ ଏବଂ ଟଙ୍କା ଓ ଲାପଟପ୍ ବ୍ୟାଗ୍ ଲୁଟିଥିଲେ। ସିନ୍ ରିକ୍ରିଏସନ୍ ସମୟରେ ବହୁ ସଂଖ୍ୟାରେ ସ୍ଥାନୀୟ ଲୋକଙ୍କ ସହ କେନ୍ଦୁଝର ଏସ୍ପି, ଅତିରିକ୍ତ ଏସ୍ପି ସ୍ନେହାସିସ ସାହୁ, ପ୍ରତ୍ୟୁଷ ମହାପାତ୍ର, ଚମ୍ପୁଆ ଏସ୍ଡିପିଓ ରଞ୍ଜନ ସାହୁ, ତୁରୁମୁଣ୍ଡା ଥାନାଧିକାରୀ ଦୀପ୍ତି ରଞ୍ଜନ ସାହୁ, ପାଟଣା ଥାନା ଅଧିକାରୀ କିରଣ ପ୍ରସାଦ ସାହୁ, ବାରିଆ। ଥାନା ଅଧିକାରୀ ମୁକୁନ୍ଦ ଦେବ ନାଏକ, ସଦର ଥାନାଅଧିକାରୀ ଅମିତ ଭୂୟାଁ , ଟାଉନ୍ ଥାନାଧିକାରୀ ଶ୍ରୀକାନ୍ତ ସାହୁ, ଇନ୍ସପେକ୍ଟର ମାନସ ମହାକୁଳଙ୍କ ସମେତ ସୁରକ୍ଷା ଦୃଷ୍ଟିରୁ ପୁଲିସ ବଳୟ ସୃଷ୍ଟି କରାଯାଇଥିଲା। ମୃତକ ତ୍ରିଲୋଚନଙ୍କ ମାଆ ଲକ୍ଷ୍ମୀ ମହାନ୍ତ ପତ୍ନୀ ତୁଳସୀ, ଭଉଣୀ ତପସ୍ୱିନୀ , ସମ୍ପର୍କୀୟ ଅର୍ଜୁନ ଚରଣମହାନ୍ତ ଦୋଷୀଙ୍କୁ କଠୋର ଦଣ୍ଡ ସହ ପରିବାରକୁ ନ୍ୟାୟ ପ୍ରଦାନ ପାଇଁ ଦାବି କରିଛନ୍ତି। କେନ୍ଦୁଝର ଏସ୍ ?ପି ନିତିନ କୁଶଳକର ମଧ ଅପରାଧୀକୁ କୌଣସି ପରିସ୍ଥିତିରେ ଛଡ଼ାଯିବ ନାହିଁ ଏବଂ ଆଇନ ଅନୁଯାୟୀ ଦଣ୍ଡିତ କରାଯିବବୋଲି କହିଛନ୍ତି। ଏସ୍ପିନିଜେ ତ୍ରିଲୋଚନଙ୍କ ଘରକୁ ଯାଇ ତାଙ୍କ ବାପା ସାଧବ ମହାନ୍ତ ଓ ବିଧବା ପତ୍ନୀ ତୁଳସୀଙ୍କୁ ଭେଟି ସମବେଦନା ଜଣାଇଥିଲେ ତ୍ରିଲୋଚନଙ୍କ ମୃତ୍ୟୁର ଗୋଟିଏ ପରିବାର ନିଜର ରୋଜଗାରିଆ ପୁଅକୁ ହରାଇଥିବା ବେଳେ ପୁଲିସର ଗିରଫଦାରୀ ପରେ ପରିବାର ସହ ଅଟଂଳବାସୀଙ୍କ ମନରେ ଆଶ୍ୱସ୍ତି ଆଣି ଦେଇଛି। ଏବେ ସମସ୍ତଙ୍କ ନଜର ନ୍ୟାୟିକ ପ୍ରକ୍ରିୟା ଉପରେ ରହିଛି।

ପିଏମ୍-କିସାନ ଯୋଜନାର ୨୪ତମ କିସ୍ତି ପ୍ରଦାନ: କେନ୍ଦୁଝରର ୧,୮୪,୩୪୪ ଚାଷୀ ଉପକୃତ



କେନ୍ଦୁଝର,୧/୧୧(ନି/ପ୍ର):୩୦ ଅକ୍ଟୋବର ଦିନ ପ୍ରଧାନମନ୍ତ୍ରୀ କିସାନ ସମ୍ମାନ ନିଧି ଯୋଜନାର ୨୪ତମ କିସ୍ତି ପ୍ରଦାନ କରାଯାଇଛି। ଗୁଜରାଟରୁ ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଜୀ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଜରିଆରେ ଦେଶର ଚାଷୀ ମାନଙ୍କ ଆକାଉଟଂକୁ ଏହି ସହାୟତା ରାଶି ପ୍ରଦାନ କରିଛନ୍ତି। ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟସ୍ଥ ଆତ୍ମା ହଲଠାରେ ଉପସ୍ଥିତ ରହି ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧକ୍ଷା ଶ୍ରୀମତୀ ମମିତା ନାଏକ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମନ୍ଦରଧର ମହାଲିକ ଏବଂ କୃଷି ବିଭାଗର ଅଧିକାରୀଙ୍କ ସମେତ ବହୁ ସଂଖ୍ୟାରେ ଚାଷୀ ଯୋଗଦେଇ ଏହି ସିଧାପ୍ରସାରଣ ଦେଖିବା ସହ ଯୋଜନାର ଲାଭ ବିଷୟରେ ଅବଗତ ହୋଇଥିଲେ ।୩୦ ଅକ୍ଟୋବର ୨୦ ?୬ ସୁଦ୍ଧା ଉପଲବ୍ଧ ବ୍ଲକ-ୱାରୀ ହିତାଧିକାରୀଙ୍କ ତଥ୍ୟ ଅନୁଯାୟୀ, କେନ୍ଦୁଝର ଜିଲ୍ଲାର ୧୩ଟି ବ୍ଲକର ସମୁଦାୟ ୧,୮୪,୩୪୪ ଚାଷୀଙ୍କୁ ପିଏମ୍-କିସାନ ଯୋଜନାର ୨୪ତମ କିସ୍ତି ପାଇଁ ସମ୍ଭାବ୍ୟ ହିତାଧିକାରୀ ଭାବେ ଚିହ୍ନଟ କରାଯାଇଛି। ଏହି ଯୋଜନା ମାଧ୍ୟମରେ ଯୋଗ୍ୟ ଚାଷୀ ପରିବାରକୁ ବାର୍ଷିକ ୬,୦୦୦ ଟଙ୍କାର ଆର୍ଥିକ ସହାୟତା ଦିଆ ଯାଇ ପାରିଛି ଏଥିରେ ଆନନ୍ଦପୁର: ୧୪,୧୭୪, ବାଂଶପାଳ: ୧୨,୫୯୮, ଚମ୍ପୁଆ: ୧୩,୮୨୩, ଘସିପୁରା: ୧୬,୩୫୫, ଘଟଗାଁ: ୧୬,୦୬୧, ହରିଚନ୍ଦନପୁର: ୧୫,୨୦୮, ହାଟଡିହି: ୧୮,୩୬୮, ଝୁମ୍ପୁରା: ୧୫,୮୧୭, ଜୋଡ଼ା: ୩,୭୩୫, କେନ୍ଦୁଝର ସଦର: ୧୪,୮୫୮, ପାଟଣା: ୧୬, ୬୯୬, ସାହାର ପଡ଼ା: ୧୩,୪୭୬, ତେଲକୋଇ: ୧୩,୧୭୫ ଚାଷୀ ଅନ୍ତର୍ଭୁକ୍ତ ହୋଇଛନ୍ତି।

କେନ୍ଦୁଝରରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ

‘ସାଧୁତାରୁ ସମୃଦ୍ଧି’ ବିଷୟବସ୍ତୁ ଉପରେ ସ୍ୱତନ୍ତ୍ର ସମାରୋହ



କେନ୍ଦୁଝର,୧/୧୧(ନି/ପ୍ର): ଅକ୍ଟୋବର ୨୬ ରୁ ନଭେମ୍ବର ୧, ୨୦୨୬ ପର୍ଯ୍ୟନ୍ତ ଚାଲିବାକୁ ଥିବା ସପ୍ତାହବ୍ୟାପୀ ପାଳନର ଏକ ଅଂଶ ସ୍ୱରୂପ ଶୁକ୍ରବାର ଦିନ କେନ୍ଦୁଝରର ଦରବାର ହଲ୍ଠାରେ ଜିଲ୍ଲା ସ୍ତରୀୟ ଦୁର୍ନୀତି ନିବାରଣ ସଚେତନତାର ସ୍ୱତନ୍ତ୍ର ସମାରୋହ ଆୟୋଜିତ ହୋଇଯାଇଛି। *‘ସାଧୁତାରୁ ସମୃଦ୍ଧି’ ବିଷୟବସ୍ତୁ ଉପରେ ଆଧାରିତ ଏହି କାର୍ଯ୍ୟକ୍ରମରେ ସାର୍ବଜନୀନ ଜୀବନ ଏବଂ ପ୍ରଶାସନରେ ସଚ୍ଚୋଟତା, ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ଏବଂ ନୈତିକ ଆଚରଣର ଗୁରୁତ୍ୱ ଉପରେ ଆଲୋକପାତ କରାଯାଇଥିଲା ।ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଲିକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଶ୍ରୀମତୀ ଜ୍ୟୋତ୍ସ୍ନାମୟୀ ପ୍ରଧାନ, କେନ୍ଦୁଝର ଦୁର୍ନୀତି ନିବାରଣ ବିଭାଗର ଡିଏସପି ସୁଧାଂଶୁ ଶେଖର ପୂଜାରୀ ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟ ଯୋଗ ଦେଇଥିଲେ। ସଭାକୁ ସମ୍ବୋଧିତ କରି ଅତିଥିମାନେ ଜନସେବାରେ ସାଧୁତା, ସଚ୍ଚୋଟତା ଏବଂ ଉତ୍ତରଦାୟିତ୍ୱର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଦୁର୍ନୀତି ବିରୋଧୀ ଲଢ଼େଇ ପାଇଁ ସରକାରୀ ଅନୁଷ୍ଠାନ, ଶିକ୍ଷାନୁଷ୍ଠାନ ଏବଂ ନାଗରିକମାନଙ୍କର ମିଳିତ ପ୍ରୟାସ ଆବଶ୍ୟକ ବୋଲି ସେମାନେ ଗୁରୁତ୍ୱ ଆରୋପ କରିଥିଲେ। ‘ସାଧୁତାରୁ ସମୃଦ୍ଧି’ ବିଷୟବସ୍ତୁ ଉପରେ ଜୋର ଦେଇ ସେମାନେ କହିଥିଲେ ଯେ ଜନସାଧାରଣଙ୍କ ଆସ୍ଥା ମଜଭୁତ କରିବା, ସରକାରୀ ସେବାଗୁଡ଼ିକର ସଫଳ ପ୍ରଦାନ ସୁନିଶ୍ଚିତ କରିବା ଏବଂ ସ୍ଥାୟୀ ବିକାଶ ହାସଲ କରିବା ପାଇଁ ନୈତିକ ଶାସନ ଏବଂ ସ୍ୱଚ୍ଛତା ଅପରିହାର୍ଯ୍ୟ ।ଏହି ପାଳନର ଏକ ଅଂଶ ଭାବେ ଏକ ଜନସଚେତନତା ଶୋଭାଯାତ୍ରା (ରାଲି) ଆୟୋଜିତ ହୋଇଥିଲା, ଯେଉଁଥିରେ ସ୍କୁଲ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ସେମାନେ ଦୁର୍ନୀତି ବିରୋଧୀ ବାର୍ତ୍ତା ସମ୍ବଳିତ ପ୍ଲାକାର୍ଡ ଧରି ଏହି ସାମାଜିକ ବ୍ୟାଧି ବିରୋଧରେ ଏକଜୁଟ ହେବାକୁ ଜନସାଧାରଣଙ୍କୁ ନିବେଦନ କରିଥିଲେ। ସ୍ଲୋଗାନ ଏବଂ ସଚେତନତା ବାର୍ତ୍ତା ମାଧ୍ୟମରେ ଛାତ୍ରଛାତ୍ରୀମାନେ ଏକ ଦୁର୍ନୀତିମୁକ୍ତ ସମାଜ ଗଠନ ପାଇଁ ସାଧୁତା, ନୈତିକ ଆଚରଣ ଏବଂ ମିଳିତ ଦାୟିତ୍ୱବୋଧର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ ।ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ସ୍କୁଲ ଏବଂ କଲେଜ ସ୍ତରର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଦୁର୍ନୀତି, ନୈତିକ ମୂଲ୍ୟବୋଧ ଏବଂ ସୁଶାସନ ପ୍ରତିଷ୍ଠାରେ ନାଗରିକମାନଙ୍କ ଭୂମିକା ବିଷୟରେ ସମାଲୋଚନାତ୍ମକ ଚିନ୍ତାଧାରା ଓ ସଚେତନତା ବୃଦ୍ଧି କରିବା ପାଇଁ ବକ୍ତୃତା (ତର୍କ) ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏହି ପ୍ରତିଯୋଗିତାଗୁଡ଼ିକ ଛାତ୍ରଛାତ୍ରୀମାନଙ୍କୁ ସମାଜରେ ସଚ୍ଚୋଟତା ବଜାୟ ରଖିବା ଏବଂ ଉତ୍ତରଦାୟିତ୍ୱକୁ ମଜଭୁତ କରିବାର ଆବଶ୍ୟକତା ଉପରେ ସେମାନଙ୍କର ମତାମତ ବ୍ୟକ୍ତ କରିବା ପାଇଁ ଏକ ମଟଂ ପ୍ରଦାନ କରିଥିଲା ।ବକ୍ତୃତା ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ସେମାନଙ୍କର ପ୍ରଦର୍ଶନ ଏବଂ ଅଂଶଗ୍ରହଣ ପାଇଁ ପୁରସ୍କାର ବିତରଣ କରାଯାଇଥିଲା।

ଭଣ୍ଡାରିପୋଖରୀ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି

ଭଦ୍ରକ,୧/୧୧(ନି/ପ୍ର): ସ୍ଥାନୀୟ ବିଷ୍ଣୁପୁର ପଂଚାୟତ ସ୍ଥିତ ଜଗନ୍ନାଥ ଉଚ୍ଚ ବିଦ୍ୟାପୀଠ ଠାରେ ଭଣ୍ଡାରିପୋଖରୀ ବ୍ଲକ ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ବ୍ଲକର ୧୭ଗୋଟି ସାଧନ କେନ୍ଦ୍ରରୁ କ୍ଲଷ୍ଟର ସ୍ତରୀୟ ପ୍ରତିଯୋଗିତା ରେ ବିଭିନ୍ନ ବିଭାଗରେ ପ୍ରଥମ ହୋଇଥିବା ୫୪୦ଜଣ ଛାତ୍ର ଛାତ୍ରୀ ଆଜିର ଏହି ପ୍ରତିଯୋଗିତାରେ ସକାଳ ୮ଘଟିକା ଠାରୁ ପଞ୍ଜିକରଣ କରି ଜିଲ୍ଲାସ୍ତରକୁ ଯିବାପାଇଁ ପ୍ରତିଯୋଗୀତରେ ଭାଗନେଇଥିଲେ । ସକାଳ ୧୧ ଘଟିକା ସମୟରେ ଜଗନ୍ନାଥ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଜୟକୁମାର ମିଶ୍ରଙ୍କ ପୌରହିତ୍ୟରେ ଆୟୋଜିତ ସଭାରେ ଭଣ୍ଡାରୀ ପୋଖରୀ ଗୋଷ୍ଠୀ ଶିକ୍ଷାଧିକାରୀ ଅଭିଜିତ ବାରିକ ଙ୍କ ସଭାପତିତ୍ୱ କରିଥବାବେଳେ ବିଧାୟକ ସଂଜୀବ ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ର ଛାତ୍ରୀ ମାନେ ମୋବାଇଲ ଓ ଚ୍ୟାଟ ଯିଟିପି ଦୁନିଆଁରୁ ପୁସ୍ତକ ପଠନ ପ୍ରତି ଅଧିକ କିପରି ଆଗ୍ରହ ପ୍ରକାଶ କରିବେ ଓ ଏଥିପାଇଁ ସୁରଭି ଭଳି କାର୍ଯ୍ୟକ୍ରମ ତାଙ୍କୁ ସହାୟକ ହେବ ବୋଲି ମତ ରଖିଥିଲେ । ସମ୍ମାନିତ ଅତିଥିଭାବେ ବ୍ଲକ ଅଧକ୍ଷା ସୁମତୀ ସେଠୀ, ବି ଆର. ସି ମଞ୍ଜୁଳାରାଣୀ ନାୟକ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ମନୋଜକୁମାର ଜେନା, ସୁନାକର ଧଳ, ବିଷ୍ଣୁପୁର ଗ୍ରାମ ପଂଚାୟତ ସରପଂଚ ଅମୁଲ୍ୟ କୁମାର ନାୟକ ଯୋଗଦେଇ ଛାତ୍ର ଛାତ୍ରୀ ମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ମୁଖ୍ୟବକ୍ତା ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦେବଦତ ଦାଶ ସମୃଦ୍ଧ ଭାଷାଓ ସମୃଦ୍ଧ ଓଡିଶା ଗଢିବାପାଇଁ ସରକାରଙ୍କର ଏହା ଏକ ଅଭିନବ ପ୍ରୟାସ ଓ ଏହାର ସୁଯୋଗ ସମସ୍ତ ଛାତ୍ର ଛାତ୍ରୀ ନେବାଦରକାର ବୋଲି ମତ ରଖିଥିଲେ । ସେହିପରି ଜିଲ୍ଲା ପରିଷଦ ସଭ୍ୟ ଲକ୍ଷ୍ମୀଧର ସାହୁ ସମିତିସଭ୍ୟଙ୍କ ପ୍ରତିନିଧି ଭାବେ ଦୀପକ ପାଣିଗ୍ରାହୀ ଯୋଗଦେଇ ଥିଲେ। ଆଜିର ଆୟୋଜିତ ପ୍ରତିଯୋଗିତାରେ ତର୍କରେ ଭୋଳାଶଙ୍କର ପଣ୍ଡା ପ୍ରବନ୍ଧ ରେ, ସୁଶ୍ରିଲେଖା ନନ୍ଦ ସୃଜନାତ୍ମକ ଲିଖନରେ, ପ୍ରିୟଦର୍ଶିନୀ ମହାପାତ୍ର କୁଇଜ ରେ, ଓମପ୍ରକାଶ ରାଉତ ସଂଗୀତ ରେପୁଷ୍ପାଞ୍ଜଳି ସାହୁ ଚିତ୍ର ଓ ଶିଳ୍ପକଳାରେ ମାମୁନି ରାଉତ । ସେହିପରି ସସ୍ମିତା ସାମଲ ଓ ତାଙ୍କ ସାଥି ସମୃଦ୍ଧ ଭାଷା ଓ ସମୃଦ୍ଧ ଓଡିଶା ନୃତ୍ୟଭଳି ୪୦ଜଣ ଛାତ୍ର ଛାତ୍ରୀ ପ୍ରଥମ ସ୍ଥାନ ଅଧିକାର କରି ଜିଲ୍ଲା ସ୍ତରକୁ ମନୋନୀତ ହୋଇଛନ୍ତି। ସନ୍ଧ୍ୟାରେ ଉଦଯାପନୀ ଉତ୍ସବରେ ଭଣ୍ଡାରିପୋଖରୀ ଅତିରିକ୍ତ ତହସିଲଦାର ନିହାର ମଲ୍ଲିକଙ୍କ ସହ ସମସ୍ତ ଅଧିକାରୀ ଉପସ୍ଥିତ ରହି କୃତି ଛାତ୍ର ଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ଏହିକାର୍ଯ୍ୟକ୍ରମ ଆୟୋଜନରେ ଜଗନ୍ନାଥ ସରକାରୀ ଉଚ୍ଚ ବିଦ୍ୟାଳୟ ର ଜିତେନ୍ଦ୍ର ନାୟକ, ପ୍ରଶାନ୍ତ ଖିଲାର ରାଜେନ୍ଦ୍ର ସାହୁ, ସସ୍ମିତା ସାମନ୍ତ, ମଧୁସ୍ମିତା ବିଶ୍ୱାଳ, ବିକଶି ସାହୁ, ପ୍ରିୟଦର୍ଶିନୀ ପଣ୍ଡା, ଲିଜା ଦାଶ, ଦମୟନ୍ତୀ ନାଥ, ବିନୋଦିନୀ ପଢି ନିରାକାର ସାମଲ, ଗୀତ. ରୋଜାଲିନ ମଲ୍ଲିକ ସୁଶ୍ରୀସଂଗୀତା କବାଟ ମଧୁସ୍ମିତା ନାୟକ, ହରେକୃଷ୍ଣ ସେଠୀ, ସୁନିମା ବେହେରା,ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ବ୍ଲକର ସମସ୍ତ ବିଦ୍ୟାଳୟ ର ଶିକ୍ଷକ ପ୍ରଧାନ ଶିକ୍ଷକ ସମସ୍ତ ଆଂଚଳିକ ସାଧନ କେନ୍ଦ୍ର ର ସଂଯୋଜକ ଉପସ୍ଥିତ ରହି କାର୍ଯ୍ୟକ୍ରମ ସଫଳ କରିବାରେ ସହଯୋଗ କରିଥିଲେ।

ନବସୃଜନ ମାଧ୍ୟମରେ ଜନସେବା କ୍ଷେତ୍ରରେ ନୂଆ ସମ୍ଭାବନା ସୃଷ୍ଟି ଲକ୍ଷ୍ୟ

କେନ୍ଦୁଝର,୧/୧୧(ନି/ପ୍ର): ରାଜ୍ୟରେ ନବସୃଜନ ଓ ଉଦ୍ୟୋଗିକତାକୁ ଅଧିକ ପ୍ରୋତ୍ସାହନ ଦେବା ସହ ଜନସେବା କ୍ଷେତ୍ରର ବିଭିନ୍ନ ସମସ୍ୟାର ନୂତନ ସମାଧାନ ଖୋଜିବା ଉଦ୍ଦେଶ୍ୟରେ ଓଡ଼ିଶା ସରକାରଙ୍କ ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ଓ ଷ୍ଟାର୍ଟଅପ୍ ଓଡ଼ିଶାର ମିଳିତ ଉଦ୍ୟମରେ ‘ଓଡ଼ିଶା ସେବା ପ୍ରଥମ ନବସୃଜନ ଆହ୍ୱାନ’ ଆରମ୍ଭ କରାଯାଇଛି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରଛାତ୍ରୀ, ଯୁବ ଉଦ୍ୟୋଗୀ, ଷ୍ଟାର୍ଟଅପ୍ ଏବଂ ତୃଣମୂଳସ୍ତରର ନବସୃଜନକାରୀମାନଙ୍କୁ ସମାଜରେ ରହିଥିବା ବିଭିନ୍ନ ସମସ୍ୟା ଚିହ୍ନଟ କରି ତାହାର ନୂତନ, ବ୍ୟବହାରିକ ଓ ସ୍ଥାୟୀ ସମାଧାନ ପ୍ରସ୍ତୁତ କରିବା ପାଇଁ ସୁଯୋଗ ଦିଆଯାଉଛି। ଏହାଦ୍ୱାରା ଯୁବପିଢ଼ିଙ୍କ ସୃଜନଶୀଳ ଚିନ୍ତାଧାରାକୁ ଜନକଲ୍ୟାଣମୂଳକ କାର୍ଯ୍ୟରେ ଉପଯୋଗ କରିବା ସହ ନୂତନ ଉଦ୍ଭାବନକୁ ବାସ୍ତବ ରୂପ ଦେବା ଲକ୍ଷ୍ୟ ରଖାଯାଇଛି। ଏହି ଆହ୍ୱାନରେ ମନୋନୀତ ଶ୍ରେଷ୍ଠ ପ୍ରସ୍ତାବଗୁଡ଼ିକୁ ନଗଦ ପୁରସ୍କାର, ବିଶେଷଜ୍ଞଙ୍କ ମାର୍ଗଦର୍ଶନ ସହ ପ୍ରୋଟୋଟାଇପ୍ ନିର୍ମାଣ ନିମନ୍ତେ ବୈଷୟିକ ଓ ଆବଶ୍ୟକୀୟ ସହାୟତା ଯୋଗାଇ ଦିଆଯିବ। ଏହି ଅଭିଯାନରେ ପ୍ରାୟ ୨୦୦ ଜଣ ମହିଳା, ଯୁବବର୍ଗ ଓ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଛନ୍ତି। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମନ୍ଦରଧର ମହାଲିକ, ଜିଲ୍ଲା ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକ ଶ୍ରୀ ଅଜୟ କୁମାର ମହାନ୍ତ, ଦକ୍ଷତା ବିକାଶ ବିଭାଗର ଉପନିର୍ଦ୍ଦେଶକ ଗଣେଶ୍ୱର ନାଏକ, ଅଗ୍ରଣୀ ଜିଲ୍ଲା ପ୍ରବନ୍ଧକ ହୀରାଲାଲ ମହାମଲିକ, ଓଡ଼ିଶା ଜୀବିକା ମିଶନର ଜିଲ୍ଲା ପ୍ରକଳ୍ପ ପରିଚାଳକ ଶ୍ରୀ ପବିତ୍ର ମୋହନ ବାରା, ମିଶନ ଶକ୍ତିର ଜିଲ୍ଲା ପ୍ରକଳ୍ପ ସଂଯୋଜକ ସମିଧା ପାଢ଼ୀ ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ଅଭିନନ୍ଦନ ରାୟ ଉପସ୍ଥିତ ଥିଲେ।

ଜାତିପ୍ରଥା ନିର୍ମମ ଚିତ୍ର :୨୦ ଘଟାଂ ପଡ଼ିରହିଲା ଶବ

ଶେଷରେ ଦେବଦୂତ ସାଜିଲେ ସ୍ୱେଚ୍ଛାସେବୀ

ବଲାଙ୍ଗିର,୧/୧୧(ନି/ପ୍ର): ମଣିଷ ପହଂଚିଲାଣି ଚନ୍ଦ୍ରପୃଷ୍ଠରେ, ଡିଜିଟାଲ ଦୁନିଆରେ ଚାଲିଛି ଉନ୍ନତିର ଯାତ୍ରା । ହେଲେ ଆଜି ବି ସମାଜରୁ ହଟୁନି ଜାତିପ୍ରଥା ଓ ଅନ୍ଧବିଶ୍ୱାସ । ଏହାର ଏକ ଦୁଃଖଦ ଚିତ୍ର ସାମ୍ନାକୁ ଆସିଛି ବଲାଙ୍ଗିର ଜିଲ୍ଲା ବେଲପଡ଼ା ବ୍ଲକ ଯୁବା ପଂଚାୟତ ଅନ୍ତର୍ଗତ ଖଲିପଥର ଗାଁରୁ । ଅନ୍ୟ ଜାତିର ମହିଳାଙ୍କୁ ବିବାହ କରିଥିବାରୁ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ପରେ ଶବ ସତ୍କାର ପାଇଁ କେହି ଆଗକୁ ଆସିନଥିବା ଅଭିଯୋଗ ହୋଇଛି । ଶେଷରେ ପାଟଣାଗଡ଼ ଅଂଚଳର କିଛି ସ୍ୱେଚ୍ଛାସେବୀ ଆଗକୁ ଆସି ମାନବିକତାର ପରିଚୟ ଦେଇଛନ୍ତି । ସୂଚନା ଅନୁସାରେ, ଖଲିପଥର ଗାଁର ଗଜାଧର ବାଗଙ୍କର ଗତ ୨୮ ଅକ୍ଟୋବର ଅପରାହ୍ନ ପ୍ରାୟ ୪ଟା ସମୟରେ ମୃତ୍ୟୁ ହୋଇଥିଲା । ତାଙ୍କର ତିନି ପୁଅ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇଥିବା ବେଳେ ବାପାଙ୍କ ଅସୁସ୍ଥତା ଖବର ପାଇ ବଡ଼ ପୁଅ ଗାଁକୁ ଫେରି ଚିକିତ୍ସା କରୁଥିଲେ । ହେଲେ ବାପାଙ୍କ ମୃତ୍ୟୁ ପରେ ଶବ ସତ୍କାର କରିବାକୁ ସେ ଏକାକୀ ଅସହାୟ ହୋଇପଡ଼ିଥିଲେ । ଅଭିଯୋଗ ଅନୁସାରେ, ଅନ୍ୟ ଜାତିରେ ବିବାହ କରିଥିବା କାରଣରୁ ଜାତିଭାଇ, ସମ୍ପର୍କୀୟ ଓ ଗାଁର ଲୋକେ ଶବକୁ ଚାରି କାନ୍ଧ ଦେବାକୁ ଆଗକୁ ଆସିନଥିଲେ । ଫଳରେ ପ୍ରାୟ ୨୦ ଘଂଟା ଧରି ଘରେ ପଡ଼ିରହିଥିଲା ମୃତଦେହ । ଏହି ହୃଦୟବିଦାରକ ଘଟଣା ବିଷୟରେ ଜାଣିବା ପରେ ଆଜି ସକାଳେ ପାଟଣାଗଡ଼ ଅଂଚଳର କିଛି ସ୍ୱେଚ୍ଛାସେବୀ ଗାଁରେ ପହଂଚିଥିଲେ । ସେମାନେ ସମ୍ମାନର ସହ ମୃତଦେହକୁ କାନ୍ଧରେ ବୋହି ପ୍ରାୟ ଦୁଇ କିଲୋମିଟର ଦୂରରେ ଥିବା ପୈତୃକ ଜମିକୁ ନେଇ ଶବ ସତ୍କାର କରିଥିଲେ । ଏହି ମାନବିକ କାର୍ଯ୍ୟରେ ସମାଜସେବୀ ଗିରିରାଜ ଭୋଇ, ସାମ୍ବାଦିକ ପ୍ରବୀଣ ପୁରୋହିତ, ନିରୋଜ ଡି. ପଟେଲ, ରଘୁନାଥ ରଣା ଓ ଦିଲ୍ଲୀପ କୁମୁରା ସାମିଲ ହୋଇଥିଲେ । ବାତ୍ୟା ‘ଅର୍ଣ୍ଣବ’ର ପ୍ରଭାବରେ ବର୍ଷା ଓ ପବନ ଜାରି ରହିଥିଲେ ମଧ୍ୟ ସେମାନେ ପଛଘୁଂଚା ଦେଇନଥିଲେ । ସ୍ୱେଚ୍ଛାସେବୀମାନଙ୍କ କହିବା ଅନୁସାରେ, ଜୀବିତ ଥିବା ସମୟରେ ମଣିଷ ମଧ୍ୟରେ ମତଭେଦ ରହିପାରେ, କିନ୍ତୁ ମୃତ୍ୟୁ ପରେ ଏକ ମୃତଦେହ ପ୍ରତି ଘୃଣା ଓ ଭେଦଭାବ କାହିଁକି ? ଏଭଳି ଘଟଣା ସମାଜ ପାଇଁ ଏକ କଳଙ୍କ । ସ୍ୱେଚ୍ଛାସେବୀମାନଙ୍କ ଏହି ମହାନ କାର୍ଯ୍ୟକୁ ଅଂଚଳବାସୀ ପ୍ରଶଂସା କରିବା ସହ ଜାତିପ୍ରଥା ବିରୋଧରେ ସଚେତନତାର ଆବଶ୍ୟକତା ଉପରେ ଜୋର ଦେଇଛନ୍ତି ।

ଯୌତୁକ ପ୍ରଥା ନିରାକରଣ ପାଇଁ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଶିବିର ଆୟୋଜିତ

ଆଇନର କଡ଼ା କାର୍ଯ୍ୟକାରିତା ସହ ବିଭାଗୀୟ ସମନ୍ୱୟ ଉପରେ ଗୁରୁତ୍ୱାରୋପ



ଅନୁଗୋଳ, ୧/୧୧(ନି/ପ୍ର): ସମାଜରୁ ଯୌତୁକ ପ୍ରଥା ଭଳି ଏକ କୁପ୍ରଥାର ମୂଳୋତ୍ପାଟନ କରିବା ଏବଂ ମହିଳାମାନଙ୍କ ସୁରକ୍ଷା ଓ ସେମାନଙ୍କ ଅଧିକାର ସୁନିଶ୍ଚିତ କରିବା ଲକ୍ଷ୍ୟରେ ଆଜି ଜିଲ୍ଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ‘ଯୌତୁକ ନିଷେଧ ଅଧିନିୟମ, ୧୯୬୧’ ଉପରେ ଏକ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୌତୁକ ନିଷେଧ ଆଇନର ଦୃଢ଼ କାର୍ଯ୍ୟକାରିତା ଏବଂ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବା ଉପରେ ବିଶେଷ ଗୁରୁତ୍ୱାରୋପ କରାଯାଇଥିଲା। ଏହି ପ୍ରଶିକ୍ଷଣ ଶିବିରରେ ଉପ ଆରକ୍ଷୀ ଅଧୀକ୍ଷକ ଶ୍ରୀମତୀ ଲଳିତା ଲାକ୍ରା ରିସୋର୍ସ ପର୍ସନ ଭାବେ ଯୋଗଦେଇ ଯୌତୁକର ଆଇନଗତ ଦିଗ ସମ୍ପର୍କରେ ଆଲୋକପାତ କରିଥିଲେ। ଏତଦ୍ ବ୍ୟତୀତ, ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦର ଅତିରିକ୍ତ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଡ଼. ଗୌରବମୟ ପ୍ରଧାନ, ଅତିରିକ୍ତ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ଼. ପୂର୍ଣ୍ଣିମା ଉଦଗାତା, ଜିଲ୍ଲା ପଚାଂୟତ ଅଧିକାରୀ ଶ୍ରୀମତୀ ଚିନ୍ମୟୀ ସାମନ୍ତରାୟ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ପୁଷ୍ପାଞ୍ଜଳି ଶତପଥୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁଶ୍ରୀ ସନମ୍ ସ୍ମିତା ସାହୁଙ୍କ ସମେତ ଜିଲ୍ଲା ଓ ଉପଖଣ୍ଡସ୍ତରୀୟ ଅଧିକାରୀ, ଜନପ୍ରତିନିଧି, ୱାନ୍ ଷ୍ଟପ୍ ସେଣ୍ଟର,ଶକ୍ତି ସଦନର ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ମହିଳା ଶିକ୍ଷିତ, ସଶକ୍ତ ଏବଂ ଆର୍ଥିକ ଦୃଷ୍ଟିରୁ ସ୍ୱାଧୀନ ହେଲେ ଯୌତୁକ ପ୍ରଥାର ନିରୋଧ ସମ୍ଭବ ବୋଲି ବୈଠକରେ ଆଲୋଚନା କରାଯାଇଥିଲା।

ସୁରକ୍ଷିତ ବଚପନ୍ ଅଭିଯାନ ଶୁଭାରମ୍ଭ

ଜୟପୁର,୧/୧୧(ନି/ପ୍ର):ସୁରକ୍ଷିତ ଶୈଶବ ଅଭିଯାନ ଜାତୀୟ ଆଇନ ସେବା ପ୍ରାଧୀକରଣ, ଏବଂ ରାଜ୍ୟ ଆଇନ ସେବା ପ୍ରାଧିକରଣ, ନିର୍ଦ୍ଦେଶ କ୍ରମେ ଆଜି ଜିଲ୍ଲା ଆଇନ ସେବା ପ୍ରାଧିକରଣ, କୋରାପୁଟ ଜୟପୁର ଆନୁକୂଲ୍ୟରେ ଆଜି ୫ ଗୋଟି ବିଦ୍ୟାଳୟରେ ଶିଶୁ ସୁରକ୍ଷା ଏବଂ ପୋକ୍ସ ଆଇନ ଉପରେ ସଚେତନତା ଶିବିର କରାଯାଇଥିଲା ତାହା ହେଲା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ହାଡିଆ, ୟୁପି ସ୍କୁଲ ଜାମୁଣ୍ଡା, ପୁଟ୍ରା, ହରିଡାପୁଟ ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ହରିଡାପୁଟ ଏହାର ଉଦ୍ଦେଶ୍ୟ ହେଉଛି ସୁରକ୍ଷିତ ବଚପନ ଅଭିଯାନ‘ ସୁରକ୍ଷିତ ଶୈଶବ ଅଭିଯାନ ଏକ ସର୍ବଭାରତୀୟ ବିଦ୍ୟାଳୟ ସଚେତନତା ଅଭିଯାନ ଯାହା ପିଲାମାନଙ୍କ ମଧ୍ୟରେ ସେମାନଙ୍କର ଅଧିକାର, ବ୍ୟକ୍ତିଗତ ସୁରକ୍ଷା, ଅନଲାଇନ୍ ସୁରକ୍ଷା, ରିପୋର୍ଟିଂ ବ୍ୟବସ୍ଥା, ଏବଂ ପୋକ୍ସ ଆଇନ, ୨୦୧୨ ଅନୁଯାୟୀ ମାଗଣା ଆଇନଗତ ସହାୟତା ଏବଂ ଶିଶୁ-ସୁରକ୍ଷା ସହାୟତା ପାଇବା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ ଉଦ୍ଦିଷ୍ଟ।

ବିବିଧା

ଆଜିର ରାଶିଫଳ

ମେଷ: ଆଜି ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ। ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ଭାଳିପାରନ୍ତି। ଆର୍ଥିକ ସମସ୍ୟା ଦେଖାଦେଇ ପାରେ। ବୈବାହିକ ଜୀବନ ସୁଖମୟ ହେବ।

ବୃଷ: ଯୋଜନା ମୁତାବକ କାମ କରିବେ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରି ସଫଳ ହୋଇପାରନ୍ତି। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ବହୁତ ଭଲ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ।

ମିଥୁନ: ଦୂରଯାତ୍ରାରୁ ଅବ୍ଯାପଣ ଅନୁଭବ କରିପାରନ୍ତି। କ୍ରୋଧ ଉପରେ ନିୟନ୍ତ୍ରଣ ରଖିବେ। ଦୀର୍ଘ ଦିନର ଆଶା ପୂରଣ ହେବ। ପାରିବାରିକ ସୁଖ ଶାନ୍ତି ମିଳିପାରେ। ଯାନବାହନ କ୍ରୟ କରିପାରନ୍ତି।

କର୍କଟ: କଣ୍ଠଶିଳ୍ପୀଙ୍କ ପାଇଁ ଦିନଟି ଭଲ। ଗୁରୁଜନଙ୍କ ଆଶୀର୍ବାଦ ନେଇ ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ମାନ ସମ୍ମାନ ବୃଦ୍ଧି ପାଇବ। ଆଶା କରିଥିବା ଦିଗରୁ ଧନ ମିଳିପାରେ। ଅତିଥି ସତ୍କାର କରିବେ।

ସିଂହ: ଦୀର୍ଘ ଦିନର ଆଶା ପୂରଣ ହେବ। ଦିନଟି ଶୁଭଫଳ ପ୍ରଦାନ କରିବ। ଅଚାନକ ଧନପ୍ରାପ୍ତି ଯୋଗ ରହିଛି। ବ୍ୟବସାୟରୁ ଲାଭ ମିଳିପାରେ। ରାଜନେତାଙ୍କ ପାଇଁ ଦିନଟି ଭଲ।

କନ୍ୟା: ପ୍ରିୟଜନଙ୍କ ସହ ଦୂରଯାତ୍ରା କରିପାରନ୍ତି। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ। କ୍ରୋଧ ଉପରେ ନିୟନ୍ତ୍ରଣ ରଖିବେ। ନିଜ ଲୋକ ଶତ୍ରୁ ସାଜି ପାରନ୍ତି। ଉଧାର ଦେଇଥିବା ଟଙ୍କା ଫେରି ପାଇବେ।

ତୁଳା: ଯୋଜନା ଅନୁଯାୟୀ କାମ କରିବେ। ଅଚାନକ ଖୁସି ଖବର ମିଳିପାରେ। ଜୀବନସାଥୀଙ୍କ ସହ ଖୁସିର ମୁହୂର୍ତ୍ତ ବିତାଇବେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ଧାର୍ମିକ କାର୍ଯ୍ୟ ପ୍ରତି ମନ ବଳାଇବେ।

ବିଛା: ପାରିବାରିକ ସମସ୍ୟା ଲାଗି ରହିବ। କର୍ମକ୍ଷେତ୍ରରେ ପ୍ରଶଂସା ପାଇବେ। ସାମାଜିକ ଏବଂ ଧାର୍ମିକ ସମାରୋହ ପାଇଁ ଦିନଟି ଭଲ। ଜୀବନସାଥୀଙ୍କ ସହ ଭ୍ରମଣ ଯୋଗ ରହିଛି। ସଙ୍ଗୀତ ପ୍ରତି ରୁଚି ବଢ଼ିବ।

ଧନୁ: ବନ୍ଧୁ ମିଳନ ଯୋଗ ରହିଛି। ଆଣ୍ଠୁଗଣ୍ଠି ସମସ୍ୟା ଭୋଗିପାରନ୍ତି। ନୂତନ ବ୍ୟବସାୟ ଆରମ୍ଭ କରିବେ। ପତି-ପତ୍ନୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ। ଯାତାୟତ ସମୟରେ ସତର୍କତା ଅବଲମ୍ବନ କରନ୍ତୁ।

ମକର: ଆଜି ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ। ଉଧାର ଦେଇଥିବା ଟଙ୍କା ଫେରି ପାଇବେ। କର୍ମକ୍ଷେତ୍ରରେ ପଦୋନ୍ନତି ଯୋଗ ରହିଛି। ମହିଳାମାନେ ପୂଜାର୍ଚ୍ଚନାରେ ସମୟ ବିତାଇବେ।

କୁମ୍ଭ: ପିତାଙ୍କ ସ୍ୱାସ୍ଥ୍ୟସମସ୍ୟା ଚିନ୍ତିତ କରିପାରେ। ଆଶା କରିଥିବା ଦିଗରୁ ନିରାଶ ହୋଇପାରନ୍ତି। ପିଲାମାନେ ଖେଳ କୁଦରେ ସମୟ ଅତିବାହିତ କରିବେ। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ।

ମୀନ: ନିଜ କଥା ଉପରେ ନିୟନ୍ତ୍ରଣ ରଖନ୍ତୁ। ବୈବାହିକ ଜୀବନ ସୁଖମୟ ହେବ। ମହିଳାଙ୍କ ଦାୟିତ୍ୱ ବଢ଼ିପାରେ। କୌଣସି କଥାକୁ ନେଇ ଚିନ୍ତା ବଢ଼ିପାରେ। ଧୈର୍ଯ୍ୟ ରଖି ଚାଲିବେ। ବ୍ୟବସାୟରୁ କ୍ଷତି ସହି ପାରନ୍ତି।

ଆଜିର ଐତିହ୍ୟ

- ୧୮୮୮- ଗାନ୍ଧିଜୀ ଇଂଲଣ୍ଡକୁ ଜଳ ଯାତ୍ରା ଆରମ୍ଭ କଲେ।
- ୧୯୨୭- ନାଗପୁର ଦଙ୍ଗାରେ ୨୨ ଲୋକଙ୍କ ମୃତ୍ୟୁ ଓ ୧୦୦ରୁ ଅଧିକ ଆହତ ହୋଇଥିଲେ।
- ୧୯୫୨- ବଲିଉଡ୍ ଅଭିନେତା ଋଷି କପୁରଙ୍କ ଜନ୍ମ।
- ୧୯୬୭- ମହାରାଷ୍ଟ୍ରରେ ୬.୫ ତ୍ରୀବ୍ରତାର ଭୂମିକମ୍ପ ଆସିବା ଯୋଗୁଁ ୨୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥିଲା।

ଅରନ୍ଧା ଭାତ

'ବୋକା ଚାଉଳ' ଆସାମର ଏକ ବିଶେଷ କିସମର ଚାଉଳ, ଯାହାକୁ 'ମ୍ୟାଜିକ୍ ରାଇସ୍' ବୋଲି କୁହାଯାଏ। ଏହି ଚାଉଳର ସବୁଠାରୁ ବଡ଼ ବୈଶିଷ୍ଟ୍ୟ ହେଉଛି ଯେ ଏହାକୁ ରାନ୍ଧିବା ପାଇଁ ନିଆଁର ଆବଶ୍ୟକତା ପଡ଼େନାହିଁ। ପାଣିରେ କିଛି ସମୟ ଭିଜାଇ ଦେଲେ ଏହା ଆପେଆପେ ଖାଇବା ଯୋଗ୍ୟ ଭାତ ହୋଇଯାଏ। ଏହି ଚାଉଳରୁ ଭାତ ପ୍ରସ୍ତୁତ କରିବା ପାଇଁ କୌଣସି ପ୍ରେସର୍ କୁକର କିମ୍ବା ହାଣ୍ଡିର ଆବଶ୍ୟକତା ନ ଥାଏ। କେବଳ ଥଣ୍ଡା ପାଣିରେ ୩୦ ରୁ ୪୦ ମିନିଟ୍ ଚାଉଳକୁ ଭିଜାଇ ରଖିଲେ ଏହା ନରମ ହୋଇ ଫୁଲିଯାଏ ଏବଂ ତୁରନ୍ତ ଖାଇବା ପାଇଁ ପ୍ରସ୍ତୁତ ହୋଇଯାଏ। ଉଷୁମ ପାଣିରେ ମାତ୍ର ୧୦ ରୁ ୧୫ ମିନିଟ୍ ମଧ୍ୟରେ ଏହା ପ୍ରସ୍ତୁତ ହୋଇଯାଏ। ୧୭ଶ ଶତାବ୍ଦୀରେ ଆସାମର ସ୍ଥାନୀୟ ଅହୋମ ସୈନିକମାନେ ମୋଗଲ ସେନା ବିରୋଧରେ ଯୁଦ୍ଧ କରିବା ସମୟରେ ଏହି ଚାଉଳକୁ ନିଜ ସାଙ୍ଗରେ ଖାଦ୍ୟ ଭାବେ ନେଉଥିଲେ। ଯୁଦ୍ଧ ସମୟରେ ସୈନିକମାନେ କେବଳ ନଦୀ ପାଣିରେ ଏହାକୁ ଭିଜାଇ ତୁରନ୍ତ ଖାଦ୍ୟ ଭାବେ ଗ୍ରହଣ କରୁଥିଲେ। ଏଥିରେ ପ୍ରଚୁର ପରିମାଣରେ କାର୍ବୋହାଇଡ୍ରେଟ୍, ପ୍ରୋଟିନ୍, ଫାଇବର ଏବଂ ଆଣ୍ଟି-ଅକ୍ସିଡାଣ୍ଟ ଥାଏ। ଏହା ଶରୀରକୁ ତୁରନ୍ତ ପ୍ରଚୁର ଶକ୍ତି ଯୋଗାଇଥାଏ।

ଆସାମର ଲୋକେ ଏହାକୁ ମୁଖ୍ୟତଃ ସକାଳ ଜଳଖିଆ ଭାବେ ଖାଆନ୍ତି। ପାଣିରେ ଭିଜାଇବା ପରେ ଏଥିରେ ଦହି, ଗୁଡ଼, କଦଳୀ କିମ୍ବା କ୍ରିମ୍ ମିଶାଇ 'ଜୋଲପାନ' ନାମକ ଏକ ସ୍ୱାଦିଷ୍ଟ ପାରମ୍ପରିକ ବ୍ୟଞ୍ଜନ ପ୍ରସ୍ତୁତ କରାଯାଏ। ଏହା ସହଜରେ ହଜମ ହୋଇଯାଏ ଏବଂ ଗ୍ରୀଷ୍ମ ଋତୁରେ ପେଟକୁ ଥଣ୍ଡା ରଖିବାରେ ସାହାଯ୍ୟ କରିଥାଏ। ଆଜିର ସମୟରେ ମଧ୍ୟ ଆସାମରେ ଯେତେବେଳେ ପ୍ରଳୟଙ୍କରୀ ବନ୍ୟା ଆସେ, ଲୋକଙ୍କ ଘରଦ୍ୱାର ଭାସିଯାଏ ଏବଂ ରୋଷେଇ କରିବା ସମ୍ଭବ ହୁଏନାହିଁ, ସେତେବେଳେ ପ୍ରଶାସନ ଓ ସ୍ଥାନୀୟ ଲୋକେ ଏହି ଚାଉଳକୁ ମୁଖ୍ୟ 'ଏମର୍ଜେନ୍ସି ଫୁଡ୍' ଭାବେ ବ୍ୟବହାର କରନ୍ତି। ବୈଜ୍ଞାନିକମାନଙ୍କ ଅନୁସାରେ, ସାଧାରଣ ଚାଉଳ ତୁଳନାରେ ମ୍ୟାଜିକ୍ ରାଇସ୍‌ରେ ଆମିଲୋଜ୍ ପରିମାଣ ବହୁତ କମ୍ ଥାଏ। ଆମିଲୋଜ୍ କମ୍ ଥିବାରୁ ଏହି ଚାଉଳ ଅତି ସହଜରେ ପାଣିକୁ ଶୋଷିନିଏ ଏବଂ ବିନା ଉତ୍ତାପରେ ବି ଏହା ଭାତରେ ପରିଣତ ହୋଇଯାଏ।

ଭୂମିକମ୍ପ ସମୟରେ ଜୀବନ ଖୋଜିବ ଅସରପା

ଭୂମିକମ୍ପ କିମ୍ବା କୌଣସି ବଡ଼ ବିପର୍ଯ୍ୟୟ ସମୟରେ ଯେତେବେଳେ ବଡ଼ ବଡ଼ ବିଲ୍ଡିଂଗୁଡ଼ିକ ମାଟିରେ ମିଶିଯାଏ, ସେତେବେଳେ ଭଙ୍ଗା ସିମେଣ୍ଟ ଚଟାଣ ଓ କଂକ୍ରିଟ୍ ତଳେ ଚାପି ହୋଇ ରହିଥିବା ଜୀବନ୍ତ ଲୋକଙ୍କୁ ଖୋଜିବା ଏକ ବଡ଼ ଚ୍ୟାଲେଞ୍ଜ ହୋଇଥାଏ। ଏହି କଠିନ କାମକୁ ସହଜ କରିବା ପାଇଁ ବୈଜ୍ଞାନିକମାନେ ସାଇବୋର୍ଗ ଅସରପା ପ୍ରସ୍ତୁତ କରିଛନ୍ତି। ଜୀବନ୍ତ ଅସରପା ଶରୀରରେ ଅତ୍ୟାଧୁନିକ ସେନ୍ସର୍ ଲଗାଇ ଏହାକୁ ଏକ 'ମିନି ରେସକ୍ୟୁ ଟିମ୍'ରେ ପରିଣତ କରାଯାଇଛି। ସିଙ୍ଗାପୁରର ନାନ୍ୟାଙ୍ଗ ଟେକ୍ନୋଲୋଜିକାଲ୍ ୟୁନିଭର୍ସିଟିର ଗବେଷକମାନେ ଏହି ବିଶେଷ ପ୍ରକାରର ବାୟୋ-ରୋବଟ୍‌କୁ ପ୍ରସ୍ତୁତ କରିଛନ୍ତି। ଏଥିପାଇଁ ସେମାନେ ପ୍ରାୟ ୨.୫ ଇଞ୍ଚ ଲମ୍ବର ବଡ଼ ଆକାରର ମାଡାଗାସ୍କାର ପ୍ରଜାତିର ଅସରପାମାନଙ୍କୁ ବ୍ୟବହାର କରୁଛନ୍ତି। ଏହି ଅସରପାମାନଙ୍କ ପିଠିରେ ଏକ ଅତି କ୍ଷୁଦ୍ର ଇଲେକ୍ଟ୍ରୋନିକ୍ ବ୍ୟାକପ୍ୟାକ୍ ଖଞ୍ଜାଯାଇଥାଏ। ଏଥିରେ ଏକ ଛୋଟ ବ୍ୟାଟେରି, କାର୍ବନ ଡାଇଅକ୍ସାଇଡ୍ ସେନ୍ସର୍ ଏବଂ ଇନଫ୍ରାରେଡ୍ ଥର୍ମାଲ୍ କ୍ୟାମେରା ରହିଥାଏ। ଅସରପାର ମସ୍ତିଷ୍କ ଓ ସେମାନଙ୍କର ଦୁଇଟି ଆଣ୍ଟେନାରେ ସୂକ୍ଷ୍ମ ଇଲେକ୍ଟ୍ରୋଡ୍ସ ସଂଯୋଗ କରାଯାଇଥାଏ। ଯେତେବେଳେ ରିମୋଟ୍ ସାହାଯ୍ୟରେ ବାମ କିମ୍ବା ଡାହାଣ ପଟ ଆଣ୍ଟେନାକୁ ସାମାନ୍ୟ କରେଣ୍ଟ ସିଗନାଲ୍ ଦିଆଯାଏ, ଅସରପାଟି ଭାବେ ଯେ ସେପଟେ କିଛି ପ୍ରତିବନ୍ଧକ ଅଛି ଏବଂ ସେ ତୁରନ୍ତ ନିଜର ଦିଗ ବଦଳାଇ ଦିଏ। ଏହିପରି ଭାବେ ଉଦ୍ଧାରକାରୀ ଦଳ ଅସରପାଗୁଡ଼ିକୁ ନିଜ ଇଚ୍ଛାନୁସାରେ ନିୟନ୍ତ୍ରଣ କରିପାରନ୍ତି। ସାଧାରଣ ଯାନ୍ତ୍ରିକ ରୋବଟ୍‌ଗୁଡ଼ିକ ଆକାରରେ ବଡ଼ ହୋଇଥାନ୍ତି ଏବଂ ଭଙ୍ଗାବିଙ୍ଗ୍ରିର ଅଣଓସାରିଆ ସ୍ଥାନକୁ ଯାଇପାରନ୍ତି ନାହିଁ। ହେଲେ ଅସରପା ନିଜ ଶରୀରକୁ ସଙ୍କୁଚିତ କରି ଅତି ସଂକୀର୍ଣ୍ଣ ସ୍ଥାନ ଦେଇ ଗତି କରିପାରେ। ସବୁଠାରୁ ବଡ଼ କଥା ହେଉଛି, ଯାନ୍ତ୍ରିକ ରୋବଟ୍ ଚାଲିବା ପାଇଁ ବହୁତ ବ୍ୟାଟେରି ଶକ୍ତି ଦରକାର ହୁଏ, କିନ୍ତୁ ଏଠାରେ ଅସରପା ନିଜ ଶକ୍ତିରେ ଚାଲେ। ବ୍ୟାକପ୍ୟାକ୍‌ରେ ଥିବା ବ୍ୟାଟେରି କେବଳ ସେନ୍ସର୍ ଓ କ୍ୟାମେରା ପାଇଁ ବ୍ୟବହାର ହେଉଥିବାରୁ ଏହା ଦୀର୍ଘ ସମୟ ଧରି କାମ କରିପାରେ। ନିକଟରେ ସିଙ୍ଗାପୁରର ସ୍ୱତନ୍ତ୍ର ବିପର୍ଯ୍ୟୟ ପ୍ରଶମନ ଦଳ ଏକ ପରୀକ୍ଷାମୂଳକ ଭୂମିକମ୍ପ ଉଦ୍ଧାର କାର୍ଯ୍ୟରେ ପ୍ରାୟ ୧୦ଟି ମାଡାଗାସ୍କାର ସାଇବୋର୍ଗ ଅସରପାଙ୍କୁ ସଫଳତାର ସହ ବ୍ୟବହାର କରିଛନ୍ତି। ପ୍ରକୃତିର ସବୁଠାରୁ ଅବହେଳିତ ଜୀବ କିପରି ବିଜ୍ଞାନର ସ୍ପର୍ଶରେ ଆସି ମାନବ ସମାଜ ପାଇଁ ଏକ ବଡ଼ ଆଶୀର୍ବାଦ ସାଜିବାକୁ ଯାଉଛି, ତାହା ସାଇବୋର୍ଗ ଅସରପା ପ୍ରୋଜେକ୍ଟ ପ୍ରମାଣିତ କରିଛି। ଆଗାମୀ ଦିନରେ ବିପର୍ଯ୍ୟୟ ସମୟରେ ଅମୂଲ୍ୟ ଜୀବନ ରକ୍ଷା କରିବାରେ ଏହି ବାୟୋ-ରୋବଟ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ଆଶା କରାଯାଉଛି।





'ହୁଙ୍କାର'ରେ ଅନୀତ୍

'ସୈୟାରା' ଚଳଚ୍ଚିତ୍ରରେ 'ବାଣୀ' ଚରିତ୍ରରେ ନିଜର ଦମଦାର୍ ଅଭିନୟ ଯାଦୁ ଦେଖାଇ ଦର୍ଶକଙ୍କ ହୃଦୟ ଜିତିଥିବା ଅଭିନେତ୍ରୀ ଅନୀତ ପଡ୍ଡା ଏବେ ପୁଣି ଏକ ଭିନ୍ନ ଅବତାରରେ ନଜର ଆସିବାକୁ ଯାଉଛନ୍ତି। ଏଥର ସେ ବଡ଼ ପରଦାରେ ନୁହେଁ, ବରଂ ଓଟିଟି ପ୍ଲାଟଫର୍ମରେ ନିଜ ଅଭିନୟର ଜଲୱା ଦେଖାଇବେ। ବହୁ ପ୍ରତୀକ୍ଷିତ ୱେବ୍ ସିରିଜ୍ 'ହୁଙ୍କାର: ଦ ରୋର୍'ରେ ସେ ଲିଡ୍ ରୋଲରେ ନଜର ଆସିବେ। ଏହି ୱେବ୍‌ସିରିଜ୍‌ର ଏକ ଦମଦାର୍ ଟିଜର୍ ନିକଟରେ ରିଲିଜ୍ ହୋଇଛି। ତେବେ ଏହି ୱେବ୍‌ସିରିଜ୍‌କୁ ନେଇ ଆଉ ଏକ ତଥ୍ୟ ପ୍ରକାଶ ପାଇଛି। ଅନୀତ 'ସୈୟାରା' ଫିଲ୍ମ ପୂର୍ବରୁ ଏହି ୱେବ୍‌ସିରିଜ୍‌ର ସୁଟିଂ ସାରି ଦେଇଥିଲେ। ଅନୀତ ନିଜେ ପ୍ରକାଶ କରିଛନ୍ତି ଯେ, ଏହି ପ୍ରୋଜେକ୍ଟଟି ଦୀର୍ଘ ସମୟ ଧରି ତାଙ୍କ ଅଭିନୟ ଯାତ୍ରାର ଏକ ସ୍ୱତନ୍ତ୍ର ଅଂଶ ହୋଇ ରହିଆସିଛି ଏବଂ ଏବେ ଏହା ଦର୍ଶକଙ୍କ ସାମ୍ନାକୁ ଆସିବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ। 'ହୁଙ୍କାର' ଏକ କ୍ରାଇମ୍ ଏବଂ ଜଷ୍ଟିସ୍ ଡ୍ରାମା।। ଏହି ସିରିଜ୍‌ରେ ଅନୀତ ଜଣେ ୧୭ ବର୍ଷର ନାବାଳିକା 'ମୀନୁ ରାବତ' ଭୂମିକାରେ ଅଭିନୟ କରୁଛନ୍ତି। କାହାଣୀଟି ମୀନୁର ଚାରିପାଖରେ ଘୁରି ବୁଲୁଛି, ଯିଏ ନିଜ ସହ ହୋଇଥିବା ଅନ୍ୟାୟ ଏବଂ ଅସଦାଚରଣ ବିରୋଧରେ ସ୍ୱର ଉତ୍ତୋଳନ କରି ପୋଲିସର ଦ୍ୱାରସ୍ଥ ହେଉଛି। ଜଣେ ଶକ୍ତିଶାଳୀ ଏବଂ ପ୍ରଭାବଶାଳୀ ଭଣ୍ଡ ବାବାଙ୍କ ସାମ୍ରାଜ୍ୟ ବିରୋଧରେ ମୀନୁ ଲଢ଼େଇ କରୁଥିବାର ଦେଖାଯିବ। ପୋଲିସ ତଦନ୍ତ, କୋର୍ଟରୁମ୍ ଡ୍ରାମା ଏବଂ ମିଡିଆ ଟ୍ରାଏଲ୍‌ର ଏକ ଦମଦାର ମିଶ୍ରଣ ଏହି ସିରିଜ୍‌ରେ ଦେଖିବାକୁ ମିଳିବ। ରାମ କପୁର, ମହମ୍ମଦ ଜିଶାନ୍ ଆୟୁବ୍, ଅର୍ଜୁନ ମାଥୁର, ଜୋୟା ହୁସେନ୍, ରଘୁବୀର ଯାଦବ, ରାଜେଶ ଶର୍ମା ଏବଂ ଚାରୁ ଶଙ୍କର ଏଥିରେ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜର ଆସିବେ। କରଣ କପାଡ଼ିଆ, ନିତ୍ୟା ମେହେରା ଏବଂ ହୀରାଜ ମାରଫତିଆ ମିଳିତ ଭାବେ ଏହି ସିରିଜ୍‌ର ନିର୍ଦ୍ଦେଶନା ଦେଇଛନ୍ତି। ବିରଲା ଷ୍ଟୁଡିଓ ଏବଂ ଅପ୍ଲଜ୍ ଏଣ୍ଟରଟେନମେଣ୍ଟ ଏହାର ପ୍ରଯୋଜନା ଦାୟିତ୍ୱରେ ଅଛି। ଟିଜର୍ ରିଲିଜ୍ ହେବା ପରେ ଏହି ୱେବ୍‌ସିରିଜ୍‌କୁ ନେଇ ଦର୍ଶକଙ୍କ ଉତ୍ସାହ ଦ୍ୱିଗୁଣିତ ହୋଇଯାଇଛି। ଆସନ୍ତା ୨୫ ସେପ୍ଟେମ୍ବରରେ ଏହି ସିରିଜ୍‌ଟି ଓଟିଟି ପ୍ଲାଟଫର୍ମ ଜିଓ ହଟ୍‌ଷ୍ଟାର୍‌ରେ ଷ୍ଟ୍ରିମ୍ ହେବାକୁ ଯାଉଛି। ତେବେ ଏହି ସିରିଜ୍‌ରେ ମୋଟ କେତୋଟି ଏପିସୋଡ୍ ରହିବ, ସେନେଇ ନିର୍ମାତାଙ୍କ ପକ୍ଷରୁ କୌଣସି ସୂଚନା ଦିଆଯାଇ ନାହିଁ। ମୀନୁର ଏହି ନ୍ୟାୟର ଲଢ଼େଇ ଦର୍ଶକଙ୍କୁ କେତେ ପସନ୍ଦ ଆସୁଛି, ତାହା ଦେଖିବାକୁ ବାକି ରହିଲା।

ସ୍କ୍ରବ୍ ଟାଇଫସ୍

ସ୍କ୍ରବ୍ ଟାଇଫସ୍ ଏକ ଜୀବାଣୁ ଜନିତ ରୋଗ। ଓରିଏଣ୍ଟିଆ ସୁସୁଗାମୁସି ନାମକ ଜୀବାଣୁ ଦ୍ୱାରା ଏହା ହୋଇଥାଏ। ଚିଗର୍ ନାମକ ଏକ କୀଟ କାମୁଡ଼ିବା ଦ୍ୱାରା ସ୍କ୍ରବ୍ ଟାଇଫସ୍ ହୁଏ। ଏହି କୀଟ କାମୁଡ଼ିବାର ୬ରୁ ୧୦ ଦିନ ମଧ୍ୟରେ ରୋଗର ଲକ୍ଷଣ ଦେଖାଯାଏ। ବର୍ତ୍ତମାନ ଅନୁଗୁଳ ଜିଲ୍ଲାରେ ଏହି ରୋଗ ଆତଙ୍କ ସୃଷ୍ଟି କରିଛି। ତେବେ ରୋଗର ଲକ୍ଷଣ ଅନୁସାରେ ଚିକିତ୍ସା କରିବା ଏକାନ୍ତ ଆବଶ୍ୟକ।



ଲକ୍ଷଣ: ବର୍ଷାଋତୁରେ ପାହାଡ଼ିଆ ଅଞ୍ଚଳରେ ସ୍କ୍ରବ୍ ଟାଇଫସ୍ ସଂକ୍ରମିତ ଅଧିକ ଚିହ୍ନଟ ହୋଇଥାନ୍ତି। ଜଙ୍ଗଲ, ବଣବୁଦା ସ୍ଥାନରେ ଦେଖାଯାଉଥିବା ଚିଗର୍ ନାମକ କୀଟ କାମୁଡ଼ିଲେ ସ୍କ୍ରବ୍ ଟାଇଫସ୍ ହୁଏ। ପୀଡିତଙ୍କ ଶରୀରରେ ବିଭିନ୍ନ ଲକ୍ଷଣ ଯଥା- ଅଧିକ ଜ୍ୱର, ମୁଣ୍ଡବ୍ୟଥା, ମାଂସପେଶୀ ଯନ୍ତ୍ରଣା, କୀଟ କାମୁଡ଼ିଥିବା ସ୍ଥାନ କୁଣ୍ଡାଇ ହୋଇ ଫୁଲିଯିବା ବା ଘା' ହେବା, ଲସିକା ଗ୍ରନ୍ଥି ଫୁଲିଯିବା, ଝାଡ଼ା, ସ୍ମୃତିଶକ୍ତି ହ୍ରାସ ଆଦି ଲକ୍ଷଣ ଦେଖାଯାଏ। ଗୁରୁତର ଅବସ୍ଥାରେ ଆକ୍ରାନ୍ତଙ୍କ ଅଙ୍ଗବିଫଳ, ଶ୍ୱାସକ୍ରିୟାରେ ସମସ୍ୟା ଏବଂ ମସ୍ତିଷ୍କ ସଂକ୍ରମଣ ତଥା ଆଭ୍ୟନ୍ତରୀଣ ରକ୍ତସ୍ରାବ ହେବାର ଆଶଙ୍କା ଅଧିକ ଥାଏ। ତେଣୁ ଉପରୋକ୍ତ ଲକ୍ଷଣ ଦେଖାଦେଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶରେ ରକ୍ତ ସେରୋଲୋଜି, ଇମ୍ୟୁନୋଫ୍ଲୋରେସେନ୍ସ ଏବଂ ଡିଏନ୍ ପିସିଆର୍ ଦ୍ୱାରା ରୋଗକୁ ଚିହ୍ନଟ କରାଯାଏ।

ଚିକିତ୍ସା ପଦ୍ଧତି: ଡାକ୍ତର ରୋଗର ତୀବ୍ରତା ଏବଂ ପୀଡ଼ିତଙ୍କ ସ୍ୱାସ୍ଥ୍ୟାବସ୍ଥା ଆଧାରରେ ଡକ୍ସିସାଇକ୍ଲିନ୍ (ଔଷଧ ଏବଂ ଇଞ୍ଜେକସନ), ଆଜିଥ୍ରୋମାଇସିନ୍ ଭଳି ଆଣ୍ଟିବାୟୋଟିକ୍ ପ୍ରଦାନ କରନ୍ତି। ଅତିମାତ୍ରାର ସଂକ୍ରମିତ ରୋଗୀଙ୍କୁ ହସ୍‌ପିଟାଲ୍‌ରେ ରଖି ଇଞ୍ଜେକସନ୍ ଦେବାକୁ ପଡ଼ିଥାଏ। ସ୍କ୍ରବ୍ ଟାଇଫସ୍ ମାମଲା ଚିହ୍ନଟ ହୋଇଥିବା ସ୍ଥାନକୁ ଯିବା ଅନୁଚିତ। ଘର ଏବଂ ଆଖପାଖ ଅଞ୍ଚଳକୁ ସଫା ରଖିବା ସହ ସଫା ପୋଷାକ ପିନ୍ଧିବା ଆବଶ୍ୟକ। ଜଙ୍ଗଲ କିମ୍ବା କ୍ଷେତରେ କାମ କରିବା ସମୟରେ ହାତଗୋଡ଼, ଛାତି ଓ ପେଟକୁ ସମ୍ପୂର୍ଣ୍ଣ ଭାବେ ଢାଙ୍କିବା ଆବଶ୍ୟକ। ଦୈନିକ ସନ୍ତୁଳିତ ଖାଦ୍ୟପେୟ ଗ୍ରହଣ କରିବା ଜରୁରି।



ଡାଏଲିସିସ୍ ସମୟରେ ସତର୍କତା

ବୃକ୍‌କର କାମ ହେଉଛି ରକ୍ତ ସଫା କରିବା ସହ ଶରୀରର ବିଭିନ୍ନ ବର୍ଜ୍ୟକୁ ନିଷ୍କାସନ କରିବା। ହେଲେ ବିଶୃଙ୍ଖଳିତ ଜୀବନଶୈଳୀ, ନିଶାସେବନ ତଥା ଅନ୍ୟାନ୍ୟ କାରଣରୁ ବୃକକଜନିତ ସମସ୍ୟା ଦେଖାଯାଏ। ଅତି ଜଟିଳ ପରିସ୍ଥିତିରେ ଡାଏଲିସିସ୍ କରିବାକୁ ପଡ଼ିଥାଏ। ସେହିପରି ରକ୍ତରେ ଏସିଡ୍ ସଂକ୍ରମଣ, ଡେଙ୍ଗୁ, ମ୍ୟାଲେରିଆ ଆଦି ଅସ୍ଥାୟୀ ସଂକ୍ରମଣରେ ବୃକକ୍ ସଂକ୍ରମଣ ଆଶଙ୍କା ଥିବାରୁ ଡାଏଲିସିସ୍ କରାଯାଏ। ବୃକକ୍ କାର୍ଯ୍ୟକ୍ଷମ ଥାଇ ମଧ୍ୟ ଯଦି ପଟାସିୟମ, ଫସ୍‌ଫରସ୍, ୟୁରିକ୍ ଏସିଡ ଏବଂ ମାତ୍ରାଧିକ ପାଣି ଶରୀରରେ ଜମିଥିଲେ ଡାଏଲିସିସ୍ କରାଯାଏ। ଡାଏଲିସିସ୍‌ରେ ରକ୍ତକୁ ବିଶୁଦ୍ଧ କରିବା ସହଜ ହୁଏ। ତେଣୁ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ନିୟମିତ ଡାଏଲିସିସ୍ କରିବା ଉଚିତ।

ମଧୁମେହ କିମ୍ବା ଉଚ୍ଚ ରକ୍ତଚାପ ପୀଡ଼ିତଙ୍କଠାରେ ବୃକକ୍ ଜନିତ ସମସ୍ୟା ଅଧିକ ଦେଖାଯାଏ। ବୃକକ ଅଚଳ ଯୋଗୁଁ ଡାଏଲିସିସ କରିବାକୁ ପଡୁଥିବାରୁ ଏହି ସମୟରେ ରକ୍ତଶର୍କରା ଓ ରକ୍ତଚାପ ପରୀକ୍ଷା କରାଇବା ଦରକାର। ଅନ୍ୟପଟେ ଯେଉଁ ପୀଡିତଙ୍କର ଛାତି ଯନ୍ତ୍ରଣା, ଶରୀର ଥରିବା, ଗୋଡ଼ହାତ କ୍ରାମ୍ପ, ଅତ୍ୟଧିକ ଝାଳ ନିର୍ଗତ, ହଠାତ ବାଉଳିଚାଉଳି ହେଲେ ଡାକ୍ତର ଡାଏଲିସିସ ବନ୍ଦକରି ଡାଏଲିସିସ୍ ପାର୍ଶ୍ୱପ୍ରତିକ୍ରିୟାର



ଚିକିତ୍ସା କରନ୍ତି। ରୋଗୀ ସ୍ୱାଭାବିକ ସ୍ଥିତିକୁ ଫେରିଲେ ଧୀରେ ଧୀରେ ଡାଏଲିସିସ କରାଯାଏ। ଡାକ୍ତରଙ୍କ ପରାମର୍ଶ ଅନୁସାରେ ପୀଡ଼ିତ ପାଣି ବା ତରଳପଦାର୍ଥ ପିଇବା ଆବଶ୍ୟକ। ପଟାସିୟମ ଅଧିକ ହେଲେ ଫଳମୂଳ, ଶାଗ, ଆମିଷ, ମାଟିତଳ ଜିନିଷ, ମାତ୍ରାଧିକ ପଟାସିୟମଯୁକ୍ତ ଖାଦ୍ୟ ଖାଇବା ଅନୁଚିତ। ଶରୀରକୁ ଆବଶ୍ୟକ ମୁତାବକ ପ୍ରୋଟିନ୍ ଖାଇବା ଜରୁରି।

ଆବଶ୍ୟକ ନ ଥିଲେ ପେନ କିଲର ଖାଇବା ଅନୁଚିତ। ଯେକୌଣସି ସଂକ୍ରମଣ ହେଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେଇ ଚିକିତ୍ସା ଆରମ୍ଭ କରିବା ସହ ଶରୀରରେ ସୋଡିୟମ, ମ୍ୟାଗ୍ନେସିୟମ, ପଟାସିୟମ ଯଥା ଇଲେକ୍ଟ୍ରୋଲାଇଟ୍ ଅନୁପାତ ଜାଣିବାକୁ 'କିଡ୍‌ନି ଫଙ୍କସନ୍ ଟେଷ୍ଟ' କରିପାରିବେ। ନିଃଶ୍ୱାସ ନେବାରେ ସମସ୍ୟା, ପରିସ୍ରା ପରିମାଣରେ କମୁଥିଲେ, ପାଦ ଓ ମୁହଁ ଫୁଲିବା, ଧଇଁସଇଁ ଲାଗିବା ଲକ୍ଷଣ ଦେଖିଲେ ତୁରନ୍ତ ଡାକ୍ତରଙ୍କୁ ଦେଖାଇ ଚିକିତ୍ସା ଆରମ୍ଭ କରିବା ଭଲ। ଡାକ୍ତରଙ୍କ ବିନା ପରାମର୍ଶରେ କୌଣସି ଔଷଧ ଖାଇବା ଅନୁଚିତ।

ନିମ୍ନ ରକ୍ତଚାପ ନିୟନ୍ତ୍ରଣ



ଆଜିକାଲି ଅଧିକାଂଶ ଲୋକ ନିମ୍ନ ରକ୍ତଚାପରେ ପୀଡ଼ିତ। ହୃଦୟ ସଙ୍କୁଚିତ ହେଲେ ରକ୍ତଚାପ ବଢ଼େ ଏବଂ ପ୍ରସାରଣ ହେଲେ ରକ୍ତଚାପ କମିଥାଏ। ଶରୀରରେ ଜଳୀୟଅଂଶ କମିଯିବା, ହୃଦ୍‌ରୋଗ,ମାନସିକ ଚାପ ଆଦି ଦ୍ୱାରା ନିମ୍ନ ରକ୍ତଚାପ ହୋଇଥାଏ। ସ୍ୱାଭାବିକ ଭାବେ ୬୦ରୁ ୯୦ ହେଉଛି ନିମ୍ନ ରକ୍ତଚାପ (ସିଷ୍ଟୋଲିକ୍ ରକ୍ତଚାପ)। ନିମ୍ନ ରକ୍ତଚାପ ହେଲେ ମୁଣ୍ଡ ବୁଲାଇବା, ଝାପ୍‌ସା ଦିଶିବା, ବାନ୍ତି ଆଦି ଲକ୍ଷଣ ଦେଖାଯାଏ। ତେଣୁ ନିମ୍ନରକ୍ତଚାପକୁ ଅଣଦେଖା କରିବା ଅନୁଚିତ।

ନିମ୍ନ ରକ୍ତଚାପ ଥିଲେ ପ୍ରଚୁର ପାଣି ପିଇବା ଆବଶ୍ୟକ। ବିଟ୍, ତରଭୁଜ, କାକୁଡ଼ି ଆଦି ରସ, ଫ୍ରୁଟ୍ ଜୁସ୍ ଓ ଓଆର୍‌ଏସ୍ ପିଇବା ଦ୍ୱାରା ରକ୍ତଚାପ ସ୍ୱାଭାବିକ ହୁଏ। ସମସ୍ତ ଡ୍ରାଏଫ୍ରୁଟ୍ ଯଥା- ଅଞ୍ଜିର, ଖଜୁର, କିସ୍‌ମିସ୍, ଆଲମଣ୍ଡ, ଅଖରୋଟ ଆଦିକୁ ମାତ୍ରା ଅନୁସାରେ ରାତିରେ ବତୁରାଇ ସକାଳେ ଖାଇଲେ, ରକ୍ତଚାପ ସ୍ୱାଭାବିକ ହୋଇପାରେ। ନିଶା ସେବନ କରିବା ଅନୁଚିତ।

ଗୁଡ଼ ବା ମହୁପଣାରେ ସାମାନ୍ୟ ସୈନ୍ଧବ ଲବଣ ମିଶାଇ ପାନ କରିବା ହିତକର। ସେହିପରି ତୁଳସୀ ପତ୍ର ରସକୁ ମହୁରେ ମିଶାଇ ଖିଆଯାଏ। ପ୍ରତିଦିନ ଅତିକମ୍‌ରେ ୧୫ ମିନିଟ୍ ଚାଲିବା ଆବଶ୍ୟକ। ପ୍ରାଣାୟାମ,ଧ୍ୟାନ ଓ ଯୋଗ କରିପାରିବେ। ଖାଦ୍ୟରେ ଲୁଣର ମାତ୍ରା ବଢ଼ାଇବା ସହ ସୋଡିୟମଯୁକ୍ତ ଖାଦ୍ୟ ଖାଇବା ଆବଶ୍ୟକ। ଭୋଜନ ସମୟରେ ଅଧିକ ନଖାଇ ଅଳ୍ପ ଅଳ୍ପ କରି ଖାଇବା ଭଲ। ସର୍ବଦା ଡାକ୍ତରଙ୍କ ପରାମର୍ଶରେ ଔଷଧ ସେବନ କରିବା ଉଚିତ।

ଘର ବଇଦ: କଣନଖା ଉପଚାର

- ଟାଙ୍ଗଣା ଖଇ ଚୂର୍ଣ୍ଣ କ୍ଷତ ଭିତରେ ଦେଲେ ଅତିଶୀଘ୍ର ଭଲ ହୁଏ।
- ଗୋଟିଏ କାଗେଜି ଲେମ୍ବୁକୁ କଣା କରି ତା ଭିତରେ ଆଙ୍ଗୁଠିକୁ ପୂରାଇ ରଖିବେ। ଦିନେ ଦୁଇ ଦିନରେ କଣନଖା ପାଚି ଫାଟି ଭଲ ହୋଇଯିବ।
- କଣନଖା ରାତିରେ ଅଧିକ ଯନ୍ତ୍ରଣା ଦିଏ। ସେଥିପାଇଁ ଖଣ୍ଡେ କନାକୁ ଅମ୍ବିଳି ଦହିରେ ବୁଡ଼ାଇ କଣନଖା ଉପରେ ବାନ୍ଧିଲେ ୨/୩ ମିନିଟ୍‌ରେ ଯନ୍ତ୍ରଣା ବନ୍ଦ ହୁଏ। ତା ପରଦିନ ଟାଙ୍ଗଣା ଖଇ ବା ସୀତାଫଳ ପତ୍ର ବାଟି ଲେପ ଦେବେ।
- କଣନଖା ପାଚିଗଲେ ସେଥିରୁ ରକ୍ତ ବାହାର କରି ଅରଖ କ୍ଷୀର ତା ଉପରେ ଲଗାଇଲେ ପୂଜରକ୍ତ ଯାହା ଥାଏ ବାହାରିଯାଏ, ତା'ପରେ କଅଁଳ ଅରଖ ପତ୍ର ଗୁଡ଼ାଇ କନା ବାନ୍ଧିବେ। ଦିନେ ଦୁଇ ଦିନରେ ତାହା ଭଲ ହେବ।

(ଲକ୍ଷ୍ମଣ ମିଶ୍ରଙ୍କ ଦ୍ୱାରା ଲିଖିତ ପୁସ୍ତକରୁ ଉଦ୍ଧୃତ)

ପିଲାଙ୍କ ଆପେଣ୍ଡିସାଇଟିସ୍

ଆଜିକାଲି ପିଲାମାନେ ଜଙ୍କଫୁଡ ଖାଇବାକୁ ଅଧିକ ପସନ୍ଦ କରୁଛନ୍ତି। ଏହି ଖାଦ୍ୟରେ ଭିଟାମିନ୍, ପ୍ରୋଟିନ୍, ଫାଇବର ଆଦି ନ ଥିବାରୁ ପେଟ ଗ୍ୟାସ୍ ଏବଂ ଯନ୍ତ୍ରଣା ହୋଇଥାଏ। ସ୍ୱାସ୍ଥ୍ୟବିଶେଷଜ୍ଞଙ୍କ ମତରେ, ପିଲାଙ୍କ ପେଟରେ ଅସହ୍ୟ ଯନ୍ତ୍ରଣାର କାରଣ ଆପେଣ୍ଡିସାଇଟିସ୍‌ର ପ୍ରାରମ୍ଭିକ ଲକ୍ଷଣ ହୋଇପାରେ।



ଅନ୍ତନଳୀରେ ଥିବା ଆପେଣ୍ଡିକ୍ସ ନାମକ ଏକ ଅଂଶରେ ସଂକ୍ରମଣ ହେଲେ ଆପେଣ୍ଡିସାଇଟିସ୍ ହୋଇଥାଏ। ଆପେଣ୍ଡିକ୍ସ ଅନେକଗୁଡ଼ିଏ ତନ୍ତୁ ଦ୍ୱାରା ଗଠିତ। ବଡ଼ ଓ ଛୋଟ ଅନ୍ତ ମିଳନ ସ୍ଥଳରେ ଆପେଣ୍ଡିକ୍ସ ଏକ ଟ୍ୟୁବ୍ ଭାବେ ଥାଏ। ଯେତେବେଳେ ଅନ୍ତନଳୀର ବ୍ୟାକ୍ଟେରିଆ ଆପେଣ୍ଡିକ୍ସ ଭିତରକୁ ପ୍ରବେଶ କରନ୍ତି, ସେତେବେଳେ ଏହା ସଂକ୍ରମିତ ହୋଇଥାଏ। ଏହାକୁ ଆପେଣ୍ଡିସାଇଟ୍‌ସ କୁହାଯାଏ। ସଂକ୍ରମଣ ବଢ଼ିଗଲେ, ଆପେଣ୍ଡିକ୍ସ ଫାଟିଯିବାର ଆଶଙ୍କା ଥାଏ। ତେଣୁ ପିଲାଙ୍କ ପେଟ ଯନ୍ତ୍ରଣା ସହିତ ଡାହାଣ ପେଟରେ ଅସହ୍ୟ ଯନ୍ତ୍ରଣା, ଜ୍ୱର, ଭୋକ ନ ଲାଗିବା, ଖାଇବା ପରେ ବାନ୍ତି ହେବା, ପତଳାଝାଡ଼ା ଆଦି ଲକ୍ଷଣକୁ ଅଣଦେଖା କରିବା ଅନୁଚିତ।

ରକ୍ତପରୀକ୍ଷା, ଇମେଜିଂ ଟେଷ୍ଟ, ସିଟି ସ୍କାନ୍, ଅଲଟ୍ରାସାଉଣ୍ଡ ଏବଂ ଏମ୍‌ଆରଆଇ ଦ୍ୱାରା ଆପେଣ୍ଡିସାଇଟ୍‌ସ ହୋଇଛି କି ନାହିଁ, ଡାକ୍ତର ପରୀକ୍ଷା କରିଥାନ୍ତି। ଆପେଣ୍ଡିସାଇଟ୍‌ସ ପ୍ରଥମ ପର୍ଯ୍ୟାୟରେ ଥିଲେ ଔଷଧ ବା ଇଞ୍ଜେକ୍ସନ୍ ଦ୍ୱାରା ଚିକିତ୍ସା ସମ୍ଭବ। ଡାକ୍ତରଙ୍କ ପରାମର୍ଶକ୍ରମେ ଅସ୍ତ୍ରୋପଚାର ମଧ୍ୟ କରାଯାଏ। ତେଣୁ ଡାକ୍ତରୀ ଚିକିତ୍ସା ସହିତ ସନ୍ତୁଳିତ ଖାଦ୍ୟପେୟ ପ୍ରତି ଯତ୍ନଶୀଳ ରହିବା ଏକାନ୍ତ ଆବଶ୍ୟକ।

ଉତ୍କଳ ସମାଚାର

ସମ୍ପାଦକୀୟ...

ସୋମବାର ୨ ନଭେମ୍ବର ୨୦୨୬

ସରସ ରସ : ବୁରିଡନଙ୍କ ଗଧ

ଭାଷଣରେ ଭୂଷଣରେ, ବଜାରରେ ମଲ୍‌ରେ, ଦୃଶ୍ୟରେ ଅଦୃଶ୍ୟରେ, କର୍ମ କ୍ଷେତ୍ରରେ ଧର୍ମ କ୍ଷେତ୍ରରେ ସବୁଠି ଦ୍ୱିଧାରେ ପଡ଼ିବାକୁ ହୁଏ ନିଷ୍ପତି ନେବାରେ। ଯିଏ କେବେ ନିଷ୍ପତ୍ତି ନେବାର ଦ୍ୱନ୍ଦ୍ୱରେ ପଡ଼ିନାହିଁ କି ପସନ୍ଦଟିଏ ବାଛିବାରେ ଦ୍ୱିଧାଗ୍ରସ୍ତ ହୋଇନାହିଁ ସେ ଜୀବନକୁ ଆଦୌ ନିକଟରୁ ଦେଖିନାହିଁ। କରିବା ଓ ନ କରିବା ଦ୍ୱନ୍ଦ୍ୱର କୁହୁଡ଼ି ମଧ୍ୟରେ ପହଁରା ନ ଜାଣିଥିଲେ ପଥଭ୍ରଷ୍ଟ ହେବା ସ୍ୱାଭାବିକ। ଦ୍ୱନ୍ଦ୍ୱରେ ପଡ଼ି ଅନେକ ମାନସିକ ସଂଘର୍ଷ ପରେ ଯାହା ହାସଲ ହୁଏ, ପାଇବାର ସେ ସୁଖ ଟିକକ ହଜିଯାଏ ଅବଶିଷ୍ଟକୁ ନ ପାଇ ପାରିବାର କାରୁଣ୍ୟ ମଧ୍ୟରେ। ପସନ୍ଦ କରିବାରେ ଅକ୍ଷମତା ବିଫଳ ହେବାର ପ୍ରଥମ ସୋପାନ। ସମୟ ଥାଇ ନିଷ୍ପତ୍ତି ନେବାର କ୍ଷମତା ନଥିଲେ ବିଫଳତାରେ ହାତ ଲାଗିବା ସ୍ୱାଭାବିକ। ଭୁଲ୍ ନିଷ୍ପତିର ବିପଦ ଅପେକ୍ଷା ନିଷ୍ପତି ନେଇ ନ ପାରିବା ଅଧିକ କ୍ଷତିକାରକ। ଯାତ୍ରା ପଥରେ ନିର୍ଣ୍ଣୟକୁ ନେଇ ଦ୍ୱନ୍ଦ୍ୱର ସମ୍ମୁଖୀନ ହୋଇଥାନ୍ତି ସମସ୍ତେ। ଭୁଲ୍‌ଟିଏ କରିବା ଅପେକ୍ଷା ନିଷ୍ପତ୍ତିରେ ଆଗପଛ ହେବା ଅଧିକ କଷ୍ଟ ଦିଏ। ସୁଯୋଗ ହାତଛଡ଼ା ହୋଇ ସମୟର ଅପଚୟ ଘଟେ। ଭୁଲ୍ ନିଷ୍ପତିକୁ ସୁଧାରି ଦିଆଯାଇପାରେ କିମ୍ବା କ୍ଷତି ତା'ର ଭରଣା କରାଯାଇପାରେ, ମାତ୍ର ନିର୍ଣ୍ଣୟ ନେବାରେ ଅକ୍ଷମତା ଅଥବା ବିଳମ୍ବ ଅପରିବର୍ତ୍ତନୀୟ ପରିଣତି ଆଣିଦିଏ। ସେଥିପାଇଁ ସନ୍ତୋଷ ଟିକିଏ ପାଇବାର ଉପାୟ ହେଉଛି ନିର୍ଣ୍ଣୟ ନେବାର ବା ପସନ୍ଦ କରିବାର ଦ୍ୱନ୍ଦ୍ୱକୁ ଯଥା ସମ୍ଭବ ସୀମିତ କରିବା ଏବଂ ପସନ୍ଦ କରିବାରେ ମନର ସ୍ୱାଧୀନତାକୁ ବିକେନ୍ଦ୍ରିତ କରିବା। ନିଷ୍ପତ୍ତି ନେବାପାଇଁ ମନକୁ ମନାଇବା କଷ୍ଟକର। ନିର୍ଣ୍ଣୟକୁ ନେଇ ସଂଘର୍ଷ ମନ ଭିତରେ ଅବିଶ୍ରାନ୍ତ ଚାଲିଛି। କରିବି କି ନାହିଁ, ଦେବି କି ନାହିଁ, ନେବି କି ନାହିଁ, କିଣିବି କି ନାହିଁ, ଯିବି କି ନାହିଁ, କହିବି କି ନାହିଁ ଏହିପରି ଅନେକ "କି ନାହିଁ"ର ପରସ୍ପର ସହିତ ସଂଘାତ। ବିନା କିଛି ଦ୍ୱନ୍ଦ୍ୱରେ ଗ୍ରହଣ କରିନେବା ପରି ବସ୍ତୁଟିଏ ନାହିଁ କି ମନଟିଏ ମଧ୍ୟ ନାହିଁ। ରାସ୍ତାର ଦୋ'ଛକିରେ ପହଚିଂଗଲେ ବିକଳ୍ପ ରାସ୍ତା ତ ଅନେକ ମିଳିଯାଏ, କେଉଁ ରାସ୍ତାଟି ଧରିବାକୁ ହେବ ସେ ନିଷ୍ପତ୍ତି ନେବାପାଇଁ ମନ ଆଗପଛ ହୁଏ। ଗୋଟିଏରେ ପାଦ ଥାପିଲେ ଅନ୍ୟଟି ମହନ୍ତର ଲାଗେ। ପଛକୁ ଫେରି ଅନ୍ୟ ରାସ୍ତା ଧରିଲେ ପୁଣି ସେଇ ପସନ୍ଦର ସଂକଟ ରାସ୍ତା ରୋକୁଥାଏ, ପୂର୍ବର ରାସ୍ତାଟି ବୋଧହୁଏ ଭଲ ହୋଇଥାନ୍ତା ! ଶାଢ଼ି କି ପୋଷାକଟିଏ କିଣିବାକୁ ବଜାରକୁ ଗଲେ ଅନେକ ଶାଢ଼ି ଓ ପୋଷାକ ଘାଟିଂବା ପରେ ମଧ୍ୟ କିଛି ମନକୁ ପାଏନି। ବହୁ କଷ୍ଟରେ ପସନ୍ଦ ହୋଇଥିବା ଜିନିଷଟି ଧରି ଘରକୁ ଫେରିଲେ ମନ ତଥାପି କହୁଥାଏ, ଆହା ! କେତେ ଭଲ ଶାଢ଼ି ସବୁ ରହିଗଲା। ଅନ୍ୟ ଗୋଟିଏ ଆଣିଥିଲେ ଭଲ ହୋଇଥାନ୍ତା ପରା ! ଆଣିଥିବା ଜିନିଷଟି ଆଉ ଆତ୍ମସନ୍ତୋଷ ଦେଇ ପାରେନି। ଏ ଦ୍ୱନ୍ଦ୍ୱ ସବୁଠି, ସବୁ ପରିସ୍ଥିତିରେ ଆମର ଚେତନାକୁ ବିବ୍ରତ କରି ଚାଲିଛି। ପାର୍ଟିକୁ ଯାଉଛେ, କେଉଁ ରଙ୍ଗର ପୋଷାକ ପିନ୍ଧିବା, ଅନେକ ବିବାହ ପ୍ରସ୍ତାବ ମଧ୍ୟରୁ କେଉଁଟି ବାଛିବା, ପିଲାକୁ କେଉଁ ସ୍କୁଲରେ ପଢ଼ାଇବା, କେଉଁ କ୍ୟାରିଅରଟି ସର୍ବୋନ୍ନମ, ଏହିପରି ଅନେକ। ନିର୍ଣ୍ଣୟ ନେବାର ଦ୍ୱନ୍ଦ୍ୱ ମାନସିକ ଉଦ୍‌ବେଗର ପ୍ରମୁଖ କାରଣ। ମନ ଏପରି ଏକ ପରିସ୍ଥିତିରେ ପଡ଼େ କାହିଁକି ? ନିଷ୍ପତି ନେବାରେ ଉପୁଜୁଥିବା ସଂକଟର କାରଣ ହେଉଛି, ପସନ୍ଦରେ ଭୁଲ୍ ? ହୋଇଯିବାର ଭୟ। ଇଏ କ'ଣ କହିବ, ସିଏ କ'ଣ ଭାବିବ ଏହିପରି ଅସୁମାରି ଭୟ ନିର୍ଣ୍ଣୟ ନେବାରେ ଦ୍ୱନ୍ଦ୍ୱ ସୃଷ୍ଟି କରେ। ଆତ୍ମ ବିଶ୍ୱାସ ସ୍ଥାନରେ ଭରିଦିଏ ଆତ୍ମ ସନ୍ଦେହ। ଆଧୁନିକ ଜୀବନଶୈଳୀରେ ପସନ୍ଦର ସଂକଟ ଆଜି ଅତି ଉତ୍କଟ। କାରଣ, ଆଜିର ଦୁନିଆ ସମ୍ମୁଖରେ ଆମର ରଖିଦେଇଛି ଅନେକ ବିକଳ୍ପ। ବିକଳ୍ପର ସଂଖ୍ୟା ଯେତେ ଅଧିକ ହେଉଛି ନିଷ୍ପତ୍ତି ନେବାର ସଂକଟ ସେତେ ତୀବ୍ରତର ହେଉଛି। ଏହି ଦ୍ୱନ୍ଦ୍ୱ ହେତୁ ମନରେ ଭରିଯାଉଛି ଚାପ, ଚିନ୍ତା ଓ ଅବସାଦ। କିଛି ବର୍ଷ ପୂର୍ବେ ଦୋକାନକୁ ଗଲେ ଆଠ ଦଶଟି ବିକଳ୍ପ ଜିନିଷ ମଧ୍ୟରୁ ଗୋଟିଏ ପସନ୍ଦ କରି ସହଜରେ ଆଣି ହେଉଥିଲା। ଏବେ ଦୋକାନରେ ମିଳୁଛି ଶତାଧିକ ବୈକଳ୍ପିକ ପସନ୍ଦ। ତା' ଭିତରୁ ମନ ମୁତାବକ ଗୋଟିଏ ବାଛିବା କଷ୍ଟକର ନୁହେଁ କି ? ଘରେ ଗୋଟିଏ ତରକାରିରେ ଆତ୍ମସନ୍ତୋଷ ମିଳିଯାଏ, କିନ୍ତୁ ଭୋଜି ଆସରକୁ ଗଲେ ତିରିଶ ପ୍ରକାରର ବ୍ୟଞ୍ଜନ ସାମନାରେ ଦେଖି କାହାକୁ ଖାଇବା ଜାଣି ହୁଏନି। ସମସ୍ତ ବ୍ୟଞ୍ଜନ ଥାଳିକୁ ନେଇ ଶେଷରେ ଡଷ୍ଟବିନକୁ ଫିଙ୍ଗାଯାଏ। ଦ୍ୱନ୍ଦ୍ୱର ଅସଲ ଜଡ଼ ତ ଏହି ବିକଳ୍ପର ଆତିଶଯ୍ୟ ନିକଟରେ ! ସମୃଦ୍ଧ ସମାଜରେ ଖୁସି ହଜିଯାଉଥିବାର ଏହା ମଧ୍ୟ ଏକ ପ୍ରମୁଖ କାରଣ। ଅର୍ଥାତ୍ ଅନେକ ମାନସିକ ସନ୍ତୁଳନ ପରେ ଅନ୍ତିମ ନିର୍ଣ୍ଣୟଟି ଆମକୁ ସନ୍ତୁଷ୍ଟି ଦେଇ ନ ପାରିବା। ଅନେକ ସମୟରେ ପସନ୍ଦକୁ ନେଇ ଦ୍ୱନ୍ଦ୍ୱ ବିଚାର ବୈକଲ୍ୟ ହେତୁ ନ ହୋଇ ପରିସ୍ଥିତିର ବିରୋଧାଭାସ ହେତୁ ସୃଷ୍ଟି ହୋଇଥାଏ। ଉଦାହରଣ ସ୍ୱରୂପ, ନିଯୁକ୍ତିଟିଏ ପାଇବା ପାଇଁ ଯେଉଁଠି ଆବଶ୍ୟକ ହୁଏ ଦୁଇ ବର୍ଷର ପ୍ରାଥମିକ ଅଭିଜ୍ଞତା, ସେଠାରେ ପ୍ରଶ୍ନ ଆସେ, ନିଯୁକ୍ତି ନ ମିଳିଲେ ଏ ଅଭିଜ୍ଞତା ମିଳିବ କେମିତି ! ମନୁଷ୍ୟର ଯେଉଁ ବିଶେଷ ସାମର୍ଥ୍ୟଟି ଅଛି, ତାହା ହେଉଛି ତା'ର ମୁକ୍ତ ଇଚ୍ଛା ବା 'ଫ୍ରି ବିଲ୍'। ମୁକ୍ତ ଇଚ୍ଛା ହେଉଛି ସମ୍ଭାବନାକୁ ଖୋଜି ପାଇବାର ସାମର୍ଥ୍ୟ। ଅନେକ ମଧ୍ୟରୁ ଗୋଟିଏ ବାଛିବାର କ୍ଷମତା। ଏହି ସାମର୍ଥ୍ୟ ହିଁ ସୃଷ୍ଟି କରିଥାଏ ପସନ୍ଦକୁ ନେଇ ମାନସିକ ଦ୍ୱନ୍ଦ୍ୱ। ଫରାସୀ ଚିନ୍ତକ ଜନ୍ ବୁରିଡନ କହୁଥିଲେ, ଭୁଲ୍ ନିଷ୍ପତ୍ତି ନେବାଠାରୁ ନିଷ୍ପତ୍ତି ନେଇ ନ ପାରିବା ଅଧିକ କ୍ଷତିକାରକ। ଏକ ଗଧର ଉଦାହରଣ ଦେଇ ସେ ବୁଝାଇଥିଲେ, ଭୋକିଲା ଓ ଶୋଷିଲା ଏକ ଗଧ ସାମନାରେ ସମ ଦୂରତାରେ ଯଦି ବିଡ଼ାଏ ଘାସ ଓ ଗୋଟିଏ ଜଳପାତ୍ର ରଖିଦିଆଯିବ, ନିଜର ମୁକ୍ତ ଇଚ୍ଛା ଅଭାବରୁ ସମଦୂରତାରେ ଥିବା ଏହି ଦୁଇଟି ପଦାର୍ଥ ମଧ୍ୟରୁ ପ୍ରଥମେ ସେ କ୍ଷୁଧା ନା ପ୍ରଥମେ ତୃଷା ମେଟାଂଇବ, ସେ ନିର୍ଣ୍ଣୟ ନେଇ ନପାରି ସେଇଠି ପଡ଼ି ଭୋକ ଓ ଶୋଷରେ ମରିଯିବ। ବିକଳ୍ପ ମଧ୍ୟରୁ ପସନ୍ଦକୁ ବାଛି ନ ପାରିବାର ପରିଣତି ଏହିପରି। ବନ୍ଧୁଗଣ, ଆମେ ସବୁ ଜନ୍ମ ନେଇ ନାହେଁ ଭୁଲ୍ କି ଠିକ୍ ନିଷ୍ପତି ବାଛିବାରେ ଜୀବନକୁ ଅପଚୟ କରିବା ପାଇଁ। ଆମର ଉଦ୍ଦେଶ୍ୟ ନିଷ୍ପତିଟିଏ ନେଇ ତାକୁ ଠିକ୍ ସାବ୍ୟସ୍ତ କରିବାପାଇଁ। ଜୀବନରେ ସବୁକିଛି ପାଇଗଲେ ଆଉ କେଉଁ ଆଶାକୁ ନେଇ ନିର୍ଣ୍ଣୟର ଦ୍ୱନ୍ଦ୍ୱ ମଧ୍ୟରେ ରହିବା ଅପୂରଣୀୟ ଇଚ୍ଛା ଓ ତାକୁ ପାଇବାର ଅସରନ୍ତି ଦ୍ୱନ୍ଦ୍ୱ ତ ଜୀବନ ଜିଇଁବାର ଅସଲି ମଜା ! "ଅଗର୍ ସବ୍ କୁଛ୍ ମିଲ୍ ଜାୟେ ଜୀନ୍ଦଗି ମେଁ ତୋ ତମନ୍ନା କିସ୍‌କି କରୋଗେ/ କୁଛ୍ ଅଧୁରି ଖ୍ୱାହିସେ ହି ଜୀନ୍ଦଗି ଜିନେକା ମଜା ଦେତି ହୈ।"

ପ୍ରଥମ ଜାଗ୍ରତ ଓଡ଼ିଆ ନାରୀ

ପ୍ରୀତୀଶ ଆଚାର୍ଯ୍ୟ

୧୯୨୦ ଦଶକ ପର୍ଯ୍ୟନ୍ତ ଆଧୁନିକ ଓଡ଼ିଶାର ଜାତୀୟ ଜୀବନରେ ମହିଳାମାନଙ୍କର କୌଣସି ପ୍ରତ୍ୟକ୍ଷ ସମ୍ପୃକ୍ତି ଦେଖିବାକୁ ମିଳେନାହିଁ। ଓଡ଼ିଆ ଭାଷା-ସଂସ୍କୃତି ଆନ୍ଦୋଳନରେ କେବଳ ପୁରୁଷମାନେ ହିଁ ଭାଗ ନେଉଥିଲେ, ଯଦିଓ ତହିଁରେ ସ୍ତ୍ରୀ-ଶିକ୍ଷା ଭଳି ପ୍ରସଙ୍ଗ ମଧ୍ୟ ମହତ୍ତ୍ୱ ପାଉଥିଲା। ୧୯୨୦ରେ ସରଳା ଦେବୀ ଏବଂ ତାଙ୍କ ପରେ ପରେ ରମାଦେବୀ ହେଲେ ଜାତୀୟତା ଆନ୍ଦୋଳନର ଦୁଇ ପ୍ରଥମ ମହିଳା। ତେବେ, ସରଳା ଦେବୀ ନାରୀବାଦ ଓ ନାରୀ ବିମର୍ଶକୁ ମଧ୍ୟ ଆରମ୍ଭ କରିଥିଲେ। ତାଙ୍କ ପୂର୍ବରୁ ଓଡ଼ିଶାର ବୌଦ୍ଧିକ ବିମର୍ଶରେ ଲିଙ୍ଗ ଆଧାରରେ ସାମାଜିକ ପ୍ରଶ୍ନଗୁଡ଼ିକୁ ପରଖିବାର ପରମ୍ପରା ଦେଖିବାକୁ ମିଳେନାହିଁ। ଲୈଙ୍ଗିକ ପକ୍ଷପାତ ରହିଥିବା ଯାଏଁ ସମାଜରେ ରାଜନୈତିକ ସ୍ୱାଧୀନତାର ସୁଫଳ ମିଳିବ ନାହିଁ ବୋଲି ସରଳା ଦେବୀ ଭଲ ଭାବରେ ବୁଝିଥିଲେ। ଏହି ଦୃଷ୍ଟିରୁ ଆଧୁନିକ ଜାତି ଗଠନରେ ତାଙ୍କ ଭୂମିକା ଖୁବ୍ ମହତ୍ତ୍ୱପୂର୍ଣ୍ଣ। କେବଳ ସେତିକି ନୁହେଁ, ସାହିତ୍ୟ, ସାମାଜିକ ନ୍ୟାୟ ଓ ସମାଜ ସେବା ଆଦି ଅନେକ କ୍ଷେତ୍ରରେ ତାଙ୍କୁ ଆଧୁନିକ ଓଡ଼ିଶାର ପ୍ରଥମ ମହିଳା ଭାବରେ ଗଣିହେବ। ସରଳା ଦେବୀ (୧୯୦୪-୧୯୮୬)ଙ୍କ ପାଳନକାରୀ ପିତା ବାଳମୁକୁନ୍ଦ କାନୁନଗୋ ଥିଲେ ଡେପୁଟି ମାଜିଷ୍ଟ୍ରେଟ। ଏହି କାରଣରୁ ସେ ସମୟର ଅନ୍ୟାନ୍ୟ ଝିଅମାନଙ୍କ ଭଳି ଔପଚାରିକ ଶିକ୍ଷାରୁ ବଞ୍ଚିତ ଥିବା ସତ୍ତ୍ୱେ ଶିଶୁ ସରଳା ଘରୋଇ ଶିକ୍ଷା ଲାଭ କରିଥିଲେ ଏବଂ ଓଡ଼ିଆ ବ୍ୟତୀତ ଇଂରେଜୀ, ହିନ୍ଦୀ, ବଙ୍ଗଳା, ତେଲୁଗୁ, ମରାଠୀ ଓ କନ୍ନଡ଼ରେ ବ୍ୟାବହାରିକ ଜ୍ଞାନ ହାସଲ କରିଥିଲେ। ଏହା ତାଙ୍କ ବିଚାର ଓ ଦୃଷ୍ଟିକୁ ଉଦାର ଓ ସମାବେଶୀ କରିଥିଲା। ମହାତ୍ମା ଗାନ୍ଧୀଙ୍କ ସଂସର୍ଗରେ ଆସି ସେ ଉପନିବେଶବାଦୀ କର୍ତ୍ତୃତ୍ୱ ତଥା ଅସ୍ପୃଶ୍ୟତା ବିରୁଦ୍ଧରେ ମଧ୍ୟ ସଜାଗ ହୋଇଥିଲେ। ମାତ୍ର ୧୪ ବର୍ଷ ବୟସରେ ତାଙ୍କର କଂଗ୍ରେସ ନେତା ଭାଗୀରଥି ମହାପାତ୍ରଙ୍କ ସାଂଗରେ ବିବାହ ସମ୍ପନ୍ନ ହୋଇଥିଲା। ରାଜନୈତିକ ଓ ସାମାଜିକ କାର୍ଯ୍ୟରେ ପତିଙ୍କର ଆନ୍ତରିକ ସହଯୋଗ ସରଳା ଦେବୀଙ୍କ ପାଇଁ ଏକ ଅପୂର୍ବ ସଂଯୋଗ ସିଦ୍ଧ ହେଲା। ଏହି କ୍ରମେ ସେ ହୋଇଥିଲେ କଂଗ୍ରେସ ଅଧିବେଶନରେ ଯୋଗ ଦେଇଥିବା (୧୯୨୦ରେ ନାଗପୁର) ଏବଂ ବକ୍ତବ୍ୟ ରଖିଥିବା (୧୯୩୧ରେ କରାଚି) ପ୍ରଥମ ଓଡ଼ିଆ ମହିଳା। ୧୯୨୧ରେ ଗାନ୍ଧୀଜୀଙ୍କ ପ୍ରଥମ ଓଡ଼ିଶା ଗସ୍ତ ବେଳେ କଟକରେ ସ୍ୱତନ୍ତ୍ର ମହିଳା ସଭା ତଥା ୧୯୨୪ରେ ଏକ ମହିଳା ସମ୍ମିଳନୀର ଆୟୋଜନରେ ତାଙ୍କର ବିଶେଷ ଭୂମିକା ରହିଥିଲା। ଏହା ପୂର୍ବରୁ ଓଡ଼ିଶାରେ ମହିଳାମାନଙ୍କର କେବେ କୌଣସି ରାଜନୈତିକ ଓ ସାମାଜିକ ସଂଗଠନ ବୋଧହୁଏ ହୋଇ ନ ଥିଲା। ଉଲ୍ଲେଖଯୋଗ୍ୟ ଯେ ୧୯୩୦ରେ ବାଲେଶ୍ୱରର ଇଞ୍ଚୁଡ଼ି ଲବଣ ସତ୍ୟାଗ୍ରହରେ ଶତାଧିକ ମହିଳା ଯୋଗ ଦେଇ ଗିରଫଦାରି ଓ କାରାବରଣ କରିବାକୁ ମଧ୍ୟ ବାହାରିଥିଲେ। ଏହି ଧରଣର ବିଶାଳ ମହିଳା ସମ୍ପୃକ୍ତି ପଛରେ ରମାଦେବୀ ଓ ୧୯୨୭ରେ ବଙ୍ଗରୁ ଓଡ଼ିଶାକୁ ବୋହୂ ହୋଇ ଆସିଥିବା ମାଳତୀ ଦେବୀଙ୍କ ସହିତ ସରଳା ଦେବୀଙ୍କର ମଧ୍ୟ ବିଶେଷ ଯୋଗଦାନ ରହିଥିଲା। ଏହି ତିନି ମହିଳା ଉଭୟ ପାରିବାରିକ ସୂତ୍ରରେ ତଥା ରାଜନୀତିକ ଲକ୍ଷ୍ୟରେ ଆଗେଇ ଆସିଥିଲେ ହେଁ ପରସ୍ପରକୁ ପ୍ରତିଯୋଗୀ ଭାବ ରଖୁ ନ ଥିଲେ। ସେମାନଙ୍କ ସାଂଗଠନିକ କାର୍ଯ୍ୟକୁଶଳତା ଯୋଗୁଁ ୧୯୨୦ ପୂର୍ବରୁ ଜଣେ ବି ମହିଳା ନ ଥିବା ଓଡ଼ିଶା ରାଜନୀତି ୧୯୩୦ ବେଳକୁ ଏକ ରକମର ମହିଳା ବହୁଳ ହୋଇସାରିଥିଲା। ୧୯୩୭ରେ ଗଠିତ ଓଡ଼ିଶାର ପ୍ରଥମ ବିଧାନସଭାରେ ସରଳା ଦେବୀ ଥିଲେ ଏକମାତ୍ର ମହିଳା; ସଦସ୍ୟ ଭାବରେ ସେ ନାରୀ ଶିକ୍ଷା, ବିଧବାର ସମ୍ପତି ଅଧିକାର, ଶିଶୁ ମୃତ୍ୟୁ, ବାଲ୍ୟ ବିବାହ ଓ ଯୌତୁକ ପ୍ରଥା ଆଦି ପ୍ରସଙ୍ଗ ଉପରେ ନିର୍ଭୀକ ଆଲୋଚନା କରୁଥିଲେ ଓ ନିଜ ନାରୀବାଦୀ ଦୃଷ୍ଟି ରଖୁଥିଲେ। ସେ କହୁଥିଲେ, ନାରୀ ଏକ ସ୍ୱତନ୍ତ୍ର ବ୍ୟକ୍ତିତ୍ୱ ଏବଂ ବିବାହ ପରେ ତା' ସ୍ୱାତନ୍ତ୍ର ? ଶେଷ ହୁଏ ନାହିଁ। ପତ୍ନୀର ଶରୀର ଉପରେ ପତିର ଏକାଧିକାର ରହିଛି ବୋଲି ଧାରଣା ରଖୁଥିବା ପୁରୁଷପ୍ରଧାନ ବିଚାର ବିରୋଧରେ ଏହା ଥିଲା ଏକ ଯୁଗାନ୍ତକାରୀ ବିଚାର। ୧୯୪୦ ଦଶକରେ 'ସବୁଜ ଯୁଗ'ର କାଳିନ୍ଦୀ ପାଣିଗ୍ରାହୀ, ବୈକୁଣ୍ଠନାଥ ପଟ୍ଟନାୟକ, ଅନ୍ନଦା ଶଙ୍କର ରାୟ ଆଦି ମିଶି 'ବାସନ୍ତୀ' ନାମରେ ଏକ ଯୌଥ ଉପନ୍ୟାସର କଳ୍ପନା ଓ ରଚନା କଲେ; ତହିଁରେ ଏକମାତ୍ର ମହିଳା ଭାବରେ ସରଳା ଦେବୀ ମଧ୍ୟ ସହଭାଗୀ ରହିଥିଲେ। ସାହିତ୍ୟ ଜଗତରେ ଏହା ସେତେବେଳେ ଖୁବ୍ ଚହଳ ପକାଇଥିଲା। ଜଣେ ଉଚ୍ଚକୋଟୀର ପ୍ରାବନ୍ଧିକ ରୂପରେ ମଧ୍ୟ ତାଙ୍କର ପ୍ରସିଦ୍ଧି ରହିଥିଲା। ତାଙ୍କ ଦ୍ୱାରା ଚର୍ଚ୍ଚିତ 'ଉତ୍କଳର ନାରୀ ସମସ୍ୟା' (୧୯୩୪), 'ନାରୀର ଦାବି' (୧୯୩୪), 'ଭାରତୀୟ ମହିଳା ପ୍ରସଙ୍ଗ' (୧୯୩୫) ଓ 'ବୀର ରମଣୀ' (୧୯୪୯) ଇତ୍ୟାଦି ଖୁବ୍ ? ପ୍ରଣିଧାନଯୋଗ୍ୟ। ସରଳା ଦେବୀ ସର୍ବଦା ନାରୀ ଜାଗୃତିକୁ ଖୁବ୍ ମହତ୍ୱ ଦେଉଥିଲେ, କାରଣ, ତାଙ୍କ ବିଚାରରେ, ଉଭୟ ଶିକ୍ଷା ଓ ସଚେତନତାର ଅଭାବରେ ହିଁ ନାରୀ ଅଯଥା ଶୋଷଣ ଓ ଦମନର ଶିକାର ହୁଏ। ଏହି ଆଧାରରେ କେବଳ ଓଡ଼ିଶା କାହିଁକି, ସବୁଆଡ଼େ ଆଧୁନିକ ସମାଜ ଗଠନ ନିମନ୍ତେ ନାରୀ ଜାଗୃତି ଅଧିକ ଆବଶ୍ୟକ ବୋଲି ସେ ମନେ କରୁଥିଲେ। ଆଜି ଘରେ ତଥା ବାହାରେ ମହିଳା ସାମନା କରୁଥିବା ବର୍ଦ୍ଧିଷ୍ଣୁ ପକ୍ଷପାତ ଓ ଅସମ୍ମାନ ପରିପ୍ରେକ୍ଷୀରେ ନାରୀ ଜାଗୃତିର ଚର୍ଚ୍ଚାକୁ ତା'ର ଉନ୍ନର ଭାବେ ଦେଖାଯାଇପାରେ, ଯେଉଁ ବିଷୟରେ ବାରମ୍ବାର ଚେତାଇ ଦେଇ ସରଳା ଦେବୀ ଆଜି ସୁଦ୍ଧା ପ୍ରାସଙ୍ଗିକ ହୋଇ ରହିଛନ୍ତି।

ହାତଘଟାସରେ ଓଡ଼ିଶା କାହାଣୀ କହୁ

ପୂର୍ଣ୍ଣେନ୍ଦୁ କର

ହାତଘଟାଂ ଏବେ ଆଉ କେବଳ ସମୟ ଜାଣିବାର ଉପାୟ ହୋଇ ରହିନାହିଁ; ସମୟ ଜଣାଇବାର ଏକ ଯନ୍ତ୍ରରୁ ନେଇ ଅଳଙ୍କାରର ଅଂଶ, ବିଳାସର ସନ୍ତକ, ଆଭିଜାତ୍ୟର ଚିହ୍ନ, ଫେସନର ଅଭିବ୍ୟକ୍ତି ପର୍ଯ୍ୟନ୍ତ ହାତଘଟାଂର ବିରଳ ଯାତ୍ରାର କାହାଣୀ ବେଶ୍ ? ଆକର୍ଷଣୀୟ। ଭାରତୀୟ ଘଟାଂ କଥା ପଡ଼ିଲେ ଟାଇଟନ କିମ୍ବା ଏଚ.ଏମ.ଟି. କଥା ମନକୁ ଆସିଥାଏ। ୧୯୫୩ ମସିହାରେ କର୍ଣ୍ଣାଟକର, ତତ୍କାଳୀନ ବାଙ୍ଗାଲୋରରେ ଭାରତ ସରକାରଙ୍କ ଦ୍ୱାରା ଏଚ.ଏମ.ଟି. ଘଟାଂ କମ୍ପାନି ପ୍ରତିଷ୍ଠିତ ହୋଇଥିଲା, ଯହିଁରୁ, ୧୯୬୧ ମସିହାରେ, 'ଜନତା' ନାମରେ ଭାରତର ପ୍ରଥମ ସ୍ୱଦେଶୀ ଘଟାଂ ବଜାରକୁ ଆସିଥିଲା। ଏହି ପ୍ରଥମ ଘଟାଂ 'ପିପୁଲ୍‌ୱାଚ' ବା 'ଲୋକମାନଙ୍କ ଘଟାଂ' ଭାବରେ ଆଦୃତି ଲାଭ କରିଥିଲା। ଏହା ପରେ ହାତଘଟାଂ ବ୍ୟାପାରରେ ଏଚ.ଏମ.ଟି.ର ଅଭିବୃଦ୍ଧିର ଯାତ୍ରା ଥିଲା କିଂବଦନ୍ତୀୟ; ଗୋଟିଏ ସମୟରେ ବଜାରର ୯୦% ପର୍ଯ୍ୟନ୍ତ ଏଚ.ଏମ.ଟି. ଅକ୍ତିଆର କରି ନେଇଥିଲା। ସେହିଭଳି ଏହି କଂପାନିର ପତନ ଏବଂ ପରିଶେଷରେ ବନ୍ଦ ହୋଇଯିବା ମଧ୍ୟ ଲୋକକଥାର ଅଂଶ ଭଳି ଲାଗିଥାଏ। ଜୀବନ ତମାମ ୧୧.୫୦ କୋଟିରୁ ଅଧିକ ସଂଖ୍ୟକ ହାତଘଟାଂ ତିଆରି କରି ସାରିଲା ପରେ ୨୦୧୬ ମସିହାରେ ଏଚ.ଏମ.ଟି. ବନ୍ଦ ହୋଇ ଯାଇଥିଲା। ତା' ପରେ ଏହି କ୍ଷେତ୍ରରେ ଆବିର୍ଭୂତ ହେଲା ଟାଇଟନ। ୧୯୮୪ ମସିହାରେ ଟାଟା ଏବଂ 'ତାମିଲନାଡୁ ଇଣ୍ଡାଷ୍ଟ୍ରିଆଲ ଡେଭେଲପମେଟ କର୍ପୋରେସନ'ର ମିଳିତ ଉଦ୍ୟୋଗରୁ ନିର୍ମିତ ଏହି ଘଟାଂ ଏବେ କେବଳ ଭାରତର ନୁହେଁ, ପୃଥିବୀର ଏକ ସୁପରିଚିତ ବ୍ରାଣ୍ଡ। ଉଲ୍ଲେଖ ଥାଉ କି ଭାରତରେ ହାତଘଟାଂର ବଜାର ମୂଲ୍ୟ, ୨୦୨୫ ସୁଦ୍ଧା ଥିଲା ପ୍ରାୟ ୬୩,୦୦୦ କୋଟି ଟଙ୍କା, ଯାହା ୨୦୩୪ ସୁଦ୍ଧା ୯୮,୬୦୦ କୋଟି ଟଙ୍କାରେ ପହଚିଂବ ବୋଲି ଆକଳନ କରାଯାଉଛି। ତେବେ, ସଂପ୍ରତି ହାତଘଟାଂ କ୍ଷେତ୍ରରେ ଏକ ନୂଆ ଟ୍ରେଣ୍ଡ ବା ଧାରାର ଆବିର୍ଭାବ ଘଟିବା ପରେ ଏହାର ବଜାର ଆକର୍ଷଣୀୟ ହୋଇ ଉଠିଛି। 'ଜ୍ଞାନର ଦର୍ପଣ' ରୂପେ ନୂତନ ଅବତାରରେ ଆସୁଥିବା ଏହି ନୂଆ ଧାରାର ହାତଘଟାଂକୁ କୁହାଯାଉଛି 'ୱାଚ ମାଇକ୍ରୋ ବ୍ରାଣ୍ଡ'। ଏଭଳି ଘଟାଂର ବୈଶିଷ୍ଟ୍ୟ ହେଲା ଏହାର 'ଡାୟଲ'ରେ ଏକ ନିର୍ଦ୍ଦିଷ୍ଟ 'ଥିମ' ବା ବିଷୟବସ୍ତୁକୁ ସୁନ୍ଦର ଭାବେ ଉପସ୍ଥାପିତ କରାଯାଇଥାଏ। ଏହି ନୂଆ ପ୍ରକାର ହାତ ଘଡ଼ି ତିଆରି କରୁଛନ୍ତି ଜୟପୁର ୱାଚ କଂପାନି (ରାଜସ୍ଥାନ), ବାଙ୍ଗାଲୋର ୱାଚ କଂପାନି (କର୍ଣ୍ଣାଟକ), ଦିଲ୍ଲୀ ୱାଚ କମ୍ପାନି (ଦିଲ୍ଲୀ), ଆକ୍ୱାଇନ ୱାଚ କମ୍ପାନି ଏବଂ ରୋଟୋରିସ (ମହାରାଷ୍ଟ୍ର) ଓ କୋରାମୋଣ୍ଡଲ ୱାଚ କମ୍ପାନି (ତାମିଲନାଡୁ)। କହିବା ବାହୁଲ୍ୟ ଯେ ହାତଘଟାଂ ବଜାରରେ ମାଇକ୍ରୋ ବ୍ରାଣ୍ଡର ବଜାର ଅଂଶ ବୃଦ୍ଧି ପାଇବାରେ ଲାଗିଛି। ୨୦୧୩ ମସିହାରେ ସ୍ଥାପିତ ହେଲା ଜୟପୁର ୱାଚ କମ୍ପାନି। ଏହା ଦ୍ୱାରା ପ୍ରସ୍ତୁତ ଘଡ଼ିର 'ଡାୟଲ'ରେ ଦେଖିବାକୁ ମିଳିଥିଲା ପୁରୁଣା ମୁଦ୍ରା, ପୋଷ୍ଟାଲ ଟିକେଟ ଇତ୍ୟାଦି। ଏଭଳି ନୂଆ ପ୍ରକାର ଘଟାଂକୁ ଗ୍ରାହକମାନେ ଖୁବ୍ ପସନ୍ଦ କରିଥିଲେ ଏବଂ ତହିଁରୁ ଏକ ନୂଆ ଧାରାର ପ୍ରାରମ୍ଭ ଘଟିଥିଲା। ଏହି ଘଟାଂଗୁଡ଼ିକର ଚାହିଦା କିଭଳି ବଢ଼ିଛି, ତା'ର ପ୍ରମାଣ କେବଳ ଏଥିରୁ ମିଳିବ ଯେ ଏ ଯାବତ୍ କମ୍ପାନି ପାଖରେ ପାଖାପାଖି ୨୦୦୦ଟି ଅଗ୍ରିମ ଅର୍ଡର ରହିଛି। ଆଜି ସୁଦ୍ଧା ଏହି କମ୍ପାନିର ଆୟ ୧୧୦ କୋଟି ଟଙ୍କାରେ ପହଚିଂଲାଣି। ସେମିତି ୨୦୧୮ ମସିହାରେ ମୁମ୍ବାଇଠାରେ ପ୍ରତିଷ୍ଠିତ 'ଆକ୍ୱାଇନ' କମ୍ପାନି ଏଭଳି ହାତଘଟାଂ ଉତ୍ପାଦନ ଆରମ୍ଭ କରି ବ୍ୟବସାୟରେ ପଶିଥିଲା। ଏହି ଘଡ଼ିଗୁଡ଼ିକ କିଭଳି 'ଜ୍ଞାନର ଦର୍ପଣ' ହୋଇଥାଏ, ତା'ର ଏକ ନିଦର୍ଶନ ରୂପେ 'କାକୋରି ୮-ଡାଉନ'ର ଅବତାରଣା କରାଯାଇପାରେ। ଏହି ନାମ ପଛରେ ଏକ ଐତିହାସିକ କାହାଣୀ ଅଛି। ୧୯୨୫ ମସିହା ଅଗଷ୍ଟ ୯ ତାରିଖରେ, ଟ୍ରେନ ନମ୍ବର '୮-ଡାଉନ', ଉନ୍ନରପ୍ରଦେଶର ଶାହଜାହାନପୁରରୁ ଲକ୍ଷ୍ନୌ ଯାଉଥାଏ, ଯହିଁରେ ଥାଏ ବ୍ରିଟିସ ସରକାରଙ୍କ ଦ୍ୱାରା ଆଦାୟ ହୋଇଥିବା ବିପୁଳ ପରିମାଣର ଟିକସ ଟଙ୍କା। ଏହାର ସୂଚନା ପାଇ କିଛି ସ୍ୱାଧୀନତା ସଂଗ୍ରାମୀ 'କାକୋରି' ନାମକ ଏକ ଷ୍ଟେସନରେ ଟ୍ରେନ ଅଟକାଇ ଟଙ୍କା ଜବତ କରନ୍ତି। ସ୍ୱାଧୀନତା ସଂଗ୍ରାମ ଇତିହାସରେ ଏହା ଏକ ସ୍ମରଣୀୟ ଘଟଣା ହୋଇ ରହିଛି। ଏହାକୁ ଆଧାର କରି ଆକ୍ୱାଇନ କଂପାନି ତିଆରି କରିଛି ଉପରୋକ୍ତ ସୁନ୍ଦର ହାତଘଟାଂ। ଏହିଭଳି ଘଟଣାବଳୀକୁ ନେଇ ଏହି କମ୍ପାନି ଏ ଯାବତ୍ ୨୦ଟି ମଡେଲର ହାତଘଟାଂ ବଜାରକୁ ଛାଡ଼ି ସାରିଲାଣି। ସେମିତି ୨୦୧୮ ମସିହାରେ, ବାଙ୍ଗାଲୋରରେ ପ୍ରତିଷ୍ଠିତ 'ବାଙ୍ଗାଲୋର ୱାଚ କମ୍ପାନି' ଦ୍ୱାରା ନିର୍ମିତ ଘଡ଼ିରେ ଦେଖିବାକୁ ମିଳିଥାଏ କ୍ରିକେଟ, ଏରୋସ୍ପେସ ଏବଂ ଅନ୍ୟାନ୍ୟ ବିଷୟବସ୍ତୁ ବା 'ଥିମ୍'। ଏହି କଂପାନି ଏ ଯାବତ୍ ୩୫ଟି ମଡେଲର ହାତଘଟାଂ ତିଆରି କରିପାରିଛି। ଏ ସବୁର ଆକର୍ଷଣୀୟ ନାମକରଣ ମଧ୍ୟ କରାଯାଇଛି, ଯେମିତି କ୍ରିକେଟ ସମ୍ବନ୍ଧୀୟ ମଡେଲର ନାମ ରହିଛି 'କଭର ଡ୍ରାଇଭ' ବା 'ମେନ ଇନ ବ୍ଲୁ' ବା 'ଦି ପ୍ୟାଭିଲିୟନ' ଇତ୍ୟାଦି। ଏହି କମ୍ପାନି ଦ୍ୱାରା ପ୍ରସ୍ତୁତ ବିଳାସପୂର୍ଣ୍ଣ ହାତଘଟାଂର ବଜାର ମୂଲ୍ୟ ୧.୫ ଲକ୍ଷରୁ ୨.୮ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରହିଛି। ଏହି କଂପାନିର ଉତ୍ପାଦନ ସଂଖ୍ୟା ହେଲା ବାର୍ଷିକ ୧୫୦୦ରୁ ୧୮୦୦ଟି ଘଟାଂ। ବର୍ଦ୍ଧିଷ୍ଣୁ ଚାହିଦାକୁ ଲକ୍ଷ୍ୟ କରି ଏହି କଂପାନିରେ ଚଳିତ ବର୍ଷ ୨୦ କୋଟି ଟଙ୍କାର ଅତିରିକ୍ତ ପୁଞ୍ଜି ନିବେଶ କରାଯାଇଛି। ସେମିତି ୨୦୨୪ ମସିହାରେ ପ୍ରତିଷ୍ଠିତ ତାମିଲନାଡୁର 'କୋରମଣ୍ଡଳ ୱାଚ କମ୍ପାନି' ଦ୍ୱାରା ପ୍ରସ୍ତୁତ ଘଟାଂରେ 'ଥିମ' ରୂପେ ଦେଖିବାକୁ ମିଳିଥାଏ, ତାଞ୍ଜୋରର ପ୍ରସିଦ୍ଧ କଳାକୃତି, ନୀଳଗିରି ପର୍ବତମାଳା, ଦକ୍ଷିଣ ଭାରତୀୟ ଫିଲଟର କଫି ଏବଂ କୋରମଣ୍ଡଳ ବେଳାଭୂମି ଇତ୍ୟାଦି। ଏଭଳି ସ୍ଥିତିରେ ମନରେ ବିଚାର ଆସେ ଯେ ହାତଘଟାଂର ଏହି ନୂତନ ଧାରା ବା ଟ୍ରେଣ୍ଡକୁ ନେଇ ଆମ ରାଜ୍ୟରେ କିଛି କରାଯାଇପାରିବ କି ? ଆମ ରାଜ୍ୟର ସଭ୍ୟତାଗତ ଓ ସାଂସ୍କୃତିକ ଐଶ୍ୱର୍ଯ୍ୟ ଅସାଧାରଣ। କୋଣାର୍କ ଭଳି ସ୍ଥାପତ୍ୟ ବିଭବ, ଅପୂର୍ବାନୁମେୟ ଜଗନ୍ନାଥ ସଂସ୍କୃତି, ନୌବାଣିଜ୍ୟର ସମୃଦ୍ଧ ପରଂପରା, ବୌଦ୍ଧ ଐତିହ୍ୟ, ପଟ୍ଟଚିତ୍ର, ତାରାକସି ଆଦିକୁ ନେଇ ଚମତ୍କାର 'ଥିମ' ଆଧାରିତ ହାତଘଟାଂ ତିଆରି କରାଯିବା ସମ୍ଭବ। କିନ୍ତୁ, ଆହୁରି ବଡ଼ କଥା ହେଲା, ଓଡ଼ିଶାର ଅନେକ ଅଜ୍ଞାତ ଓ ସ୍ୱଳ୍ପ ଜ୍ଞାତ କାହାଣୀକୁ ଏଭଳି ହାତଘଡ଼ି ମାଧ୍ୟମରେ, ଅତି ଆକର୍ଷଣୀୟ ଢଙ୍ଗରେ ଜଣାଇବାର ଅପୂର୍ବ ସୁଯୋଗ ମଧ୍ୟ ଏଥିରେ ରହିଛି। ୧୮୧୭ ମସିହାର ପାଇକ ବିଦ୍ରୋହ, ଇରମ ଗୁଳିକାଣ୍ଡ, ୧୮୯୮ ମସିହାରେ ପାରଳାଖେମୁଣ୍ଡିରେ ଦେଶର ପ୍ରଥମ ଘରୋଇ ରେଳ ଚଳାଚଳ (ପାରଳାଖେମୁଣ୍ଡି ମହାରାଜା ଗୌର ଚନ୍ଦ୍ର ଗଜପତି ନାରାୟଣ ଦେଓ (ଦ୍ୱିତୀୟ)ଙ୍କ ଦ୍ୱାରା ପାରଳାଖେମୁଣ୍ଡିରୁ ନୂଆପଡ଼ା ପର୍ଯ୍ୟନ୍ତ), ଇଞ୍ଚୁଡ଼ିର ଲବଣ ସତ୍ୟାଗ୍ରହ ଭଳି ବିଷୟ ମାଇକ୍ରୋ ୱାଚରେ ସ୍ଥାନ ପାଇପାରିବ। ହାତଘଟାଂ ଉଦ୍ୟୋଗ ପରିପ୍ରେକ୍ଷୀରେ ଆମ ରାଜ୍ୟ ସରକାର ତାମିଲନାଡୁ ରାଜ୍ୟ ସରକାରଙ୍କଠାରୁ ପ୍ରେରଣା ନେବା ଉଚିତ। କାରଣ ଭାରତର ଏକ ନମ୍ବର ହାତଘଟାଂ କଂପାନି ଟାଇଟନରେ ତାମିଲନାଡୁ ରାଜ୍ୟ ସରକାର ସିଧାସଳଖ ପୁଞ୍ଜି ନିବେଶ କରିଛନ୍ତି, ଯହିଁରେ ଅଂଶୀଦାରିର ପରିମାଣ ହେଉଛି ୨୭.୮୮ ପ୍ରତିଶତ ଏବଂ ଯାହାର ବଜାର ମୂଲ୍ୟ ୧,୦୭,୮୭୩ କୋଟି ଟଙ୍କାରେ ପହଚିଂଲାଣି। ସେହି ଦୃଷ୍ଟିରୁ ଟାଟା କଂପାନି ସହିତ ହାତ ମିଳାଇ ହାତଘଟାଂ ନିର୍ମାଣ କରିବା ତାମିଲନାଡୁ ରାଜ୍ୟ ସରକାରଙ୍କର ଏକ ସାହାସିକ ନିଷ୍ପତ୍ତି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ଘରୋଇ କଂପାନିରେ ସରକାରଙ୍କ ପୁଞ୍ଜି ନିବେଶ ଓ ସଫଳତାର ଏହା ହୁଏତ ଏକ ବିରଳ ଓ ଉତ୍କୃଷ୍ଟ ଉଦାହରଣ। ଆମ ରାଜ୍ୟ ସରକାର ମଧ୍ୟ 'ପ୍ରାଇଭେଟ ପବ୍ଲିକ ପାର୍ଟନରସିପ' ବା 'ପି.ପି.ପି.' ମୋଡ୍‌ରେ ଏହିଭଳି କିଛି ଚିନ୍ତା କରି ପାରନ୍ତି। ରାଜ୍ୟ ସରକାରଙ୍କ 'ଦକ୍ଷତା ବିକାଶ ଓ ପ୍ରଯୁକ୍ତି ଶିକ୍ଷା' ବିଭାଗ ତରଫରୁ ଏଭଳି ଘଟାଂ ତିଆରି ଦିଗରେ ଯୋଗଦାନ ମିଳି ପାରନ୍ତା। ପ୍ରଶିକ୍ଷଣ ମାଧ୍ୟମରେ ଏଭଳି ଘଟାଂ ଉତ୍ପାଦନ ସକାଶେ ଦକ୍ଷ ମାନବ ସମ୍ବଳ ସୃଷ୍ଟି କରାଯାଇ ପାରନ୍ତା। ସରକାରୀ ତଥ୍ୟ ଅନୁସାରେ ଆମ ରାଜ୍ୟକୁ ବାର୍ଷିକ ଲକ୍ଷାଧିକ ବିଦେଶୀ ପର୍ଯ୍ୟଟକ ଆସନ୍ତି, ଯେଉଁମାନଙ୍କୁ ଘେନି ଏଭଳି 'ଥିମ୍' ଆଧାରିତ ଘଡ଼ି ସକାଶେ ବିଶାଳ ବଜାର ସୃଷ୍ଟିର ଉଦ୍ୟମ କରାଯାଇପାରନ୍ତା। ଏହା ଦ୍ୱାରା କେବଳ ରାଜ୍ୟର ଏକ ନିଆରା ଉଦ୍ୟୋଗ ନୁହେଁ, ରାଜ୍ୟର ସ୍ୱଳ୍ପ କଥିତ କାହାଣୀମାନ ବିଶ୍ୱ ସ୍ତରରେ ପରିଚିତି ଲାଭ କରି ପାରନ୍ତା।

ଗାନ୍ଧିଜୀଙ୍କ ନୀତି ଆଦର୍ଶରୁ ଶିକ୍ଷା

ଭାରତ ପରି ଏକ ଗଣତାନ୍ତ୍ରିକ ରାଷ୍ଟ୍ରେର ସାଧାରଣ ଜନତା ପ୍ରକୃତ କ୍ଷମତାର ଅଧିକାରୀ ହୋଇଥାନ୍ତି। ଜନତାଙ୍କ ଆଶୀର୍ବାଦ ବିନା କୌଣସି ରାଜେନିତିକ ବ୍ୟକ୍ତି କିମ୍ବା ଦଳ କ୍ଷମତା ହାସଲ କରିବା ଅସମ୍ଭବ। ମନୁଷ୍ୟର ୩ଟି ମୌଳିକ ଚାହିଦା ଖାଦ୍ୟ, ବସ୍ତ୍ର, ବାସଗୃହ ବିନା ସମାଜେର ବଚିଂବା ଅସମ୍ଭବ। ଆମ ଦେଶର ଗରିବ ଏବଂ ମଧ୍ୟବିତ ଏହି ୩ଟିମୌଳିକ ଚାହିଦା ପୂରଣ କରିବା ପାଇଁ ଏେବବି ସଂଘଷ କରୁଛନ୍ତି। ଏହା ଅତ୍ୟନ୍ତ ଦୁଃଖ ଏବଂ ପରିତାପର ବିଷୟ। ଆମ ଦେଶର ସୁବିଧାବାଦୀ, ସ୍ୱାଥର୍ପର ରାଜେନତା କ୍ଷମତା ଓ ପଦପଦବୀ ହାସଲ କରିବା ପାଇଁ ବ୍ୟଗ୍ର। ସେମାେନ ସମସ୍ତ ନୀତି, ନିୟମ, ନୈତିକତା, ଆଦଶର୍ତାକୁ ଜଳାଞ୍ଜଳି ଦଇ ଯେକୌଣସି ଉପାୟେର କ୍ଷମତା ହାସଲ କରିବା ପାଇଁ ସଦାସବର୍ଦା ଚେଷ୍ଟିତ। ଦୀର୍ଘ ୨୦୦ ବଷର୍ରୁ ଅଧିକ ବର୍ଷ ପର୍ଯ୍ୟନ୍ତ ଅହଙ୍କାରୀ ନିଷ୍ଠୁର ଇଂରେଜ ମାେନ ଆମ ଦେଶେର ଆଧିପତ୍ୟ ବିସ୍ତାର କରିଥ‌ିଲେ। ସେମାନଙ୍କର ମୁଖ୍ୟ ଲକ୍ଷ୍ୟ ଥିଲା ଆମ ଦେଶର ଏକତା ଓ ଅଖଣ୍ଡତାକୁ କ୍ଷୁର୍ଣ୍ଣ କରିବା। ସେମାେନ ଜାଣି ଶୁଣି ବିଭିନ୍ନ ସମ୍ପ୍ରଦାୟ ଯେପରିକି ହିନ୍ଦୁ, ମୁସଲିମ,ଶିଖ ଓ ଈଶାଇ ମଧ୍ୟେର ବିବାଦର ସୂତ୍ରପାତ କରାଉଥ‌ିଲେ। ସେମାନଙ୍କ ମନ ଭିତେର ହିଂସା ପ୍ରତେଶାଧର ବହ୍ନି ପ୍ରଜ୍ୱଳିତ କରାଇବା ଓ ଧର୍ମ ଜାତି ଆଧାରେର ଆମ ଦେଶକୁ ବିଭାଜିତ କରିବା , ସେମାନଙ୍କର ମୁଖ୍ୟ ଲକ୍ଷ୍ୟ ଥିଲା। ନିଜର ମନ୍ଦ ଉେଦ୍ଦଶ୍ୟ କୁ ଚରିତାର୍ଥ କରିବା ପାଇଁ ଇଂରେଜ ମାେନ ସମସ୍ତ ନୀତି ନିୟମକୁ ଜଳାଞ୍ଜଳି ଦେଇ ନିଜର କଳ,ବଳ ଓ କୌଶଳ ପ୍ରେୟାଗ କରିଥ‌ିଲେ। ଅେନକାଂଶେର ସେମାେନ ନିଜ ଯୋଜନାେର ସଫଳ ହୋଇଥ‌ିଲେ। ସାମାନ୍ୟ କିଛି ଅର୍ଥ ଓ କ୍ଷମତା ଲୋଭେର କିଛି ବ୍ୟକ୍ତି ବିଶ୍ୱାସଘାତ କରି ଆମ ସ୍ୱାଧୀନତା ପାଇବାର ଆଶାକୁ ଶିଥ‌ିଳ କରୁଥ‌ିଲେ। ସେହି ଦେଶେଦ୍ରାହୀ ମଧ୍ୟେର ମୀରଜାଫର ,ଜୟଚନ୍ଦ୍ର,ଜୟ ଗୋପାଳ ଭଳି,, କିଛି ବିଶ୍ୱାସଘାତକ ଥ‌ିଲେ ଯାହା ନୃଶଂସ ଅଧର୍ମୀ ଆତ୍ମଗର୍ବୀ ଅହଙ୍କାରୀ ଇଂରେଜମାନଙ୍କୁ ଧରି ୨୦୦ ବର୍ଷ ଧରି ଆମ ଦେଶର ଲୋକମାନଙ୍କୁ ଗୁଲାମ ଓ ପରାଧୀନ କରି ରଖିବାେର ସହାୟ ହୋଇଥିଲା। ସ୍ୱାଧୀନତା ସଂଗ୍ରାମୀଙ୍କର ତ୍ୟାଗ ଓ ବଳିଦାନ ଦ୍ୱାରା ମାତୃଭୂମି ଭାରତ ଅହଙ୍କାରୀ, ଅଧର୍ମୀ, ନିଷ୍ଠୁର ,ହିଂସ୍ର ଓ ଅତ୍ୟାଚାରୀ ଇଂରେଜ ମାନଙ୍କର ଗୁଲାମୀରୁ ମୁକ୍ତ ହୋଇପାରିଛି। ଜାତିର ପିତା ମହାତ୍ମାଗାନ୍ଧୀଙ୍କ ଠାରୁ ଆରମ୍ଭ କରି, ଭଗତ ସିଂ,ଜୟୀ ରାଜଗୁରୁ, ଶୁକେଦବ, ସୁବାଷ ବୋଷ,ତାନ୍ତିଆ ଟେପେ, ରାଣୀ ଲକ୍ଷ୍ମୀବାୟୀଙ୍କ ଅବଦାନ ଅତୁଳନୀୟ ଯାହାକୁ ଶବ୍ଦେର ପ୍ରକାଶ କରିବା ଅସମ୍ଭବ। ଇତିହାସର ପୃଷ୍ଠାକୁ ଅମେ ଯଦି ଅବେଲାକନ କରିବା ଦେଖିବା ଅେନକ ବିଦ୍ୱାନ ବ୍ୟକ୍ତି ଏହା ମତ ବ୍ୟକ୍ତ କରିଛନ୍ତି କି 'ଜାତିର ପିତା ମହାତ୍ମା ଗାନ୍ଧୀଙ୍କର ଅହିଂସା ନୀତିକୁ ପାଥେୟ କରି ଅମେ ସ୍ୱାଧୀନତା ହାସଲ କରିଥିଲୁ ଏବଂ ପରାଧୀନ ଶିକୁଳିରୁ ଅମେ ମୁକ୍ତ ହୋଇଥିଲୁ'। ଏକବିଂଶ ଶତାବ୍ଦୀର ମନୁଷ୍ୟ ଯେପରି ବିଶୃଙ୍ଖଳିତ, ଅମାନବୀୟ, ଅେନିତିକ ଆଚରଣ ପ୍ରଦଶର୍ନ କରୁଛି ଧୀେର ଧୀେର ମନୁଷ୍ୟ ହିଂସ୍ର ପଶୁଙ୍କ ପରି ହତ୍ୟା, ଗଣଧଷର୍ଣ, ଧଷର୍ଣ, ବ୍ୟଭିଚାର, ପରି ଜଘନ୍ୟ ଅପରାଧ କରୁଛି ଏବଂ ତା ମଧ୍ୟେର ନୈତିକ ମୂଲ୍ୟେବାଧର ଅବକ୍ଷୟ ଘଟୁଛି ଏହା ଅତ୍ୟନ୍ତ ଚିନ୍ତାଜନକ ଏବଂ ଦୁଃଖଦାୟକ। ଆମ ସମାଜକୁ ଶୃଙ୍ଖଳିତ ଏବଂ ମନୁଷ୍ୟ ଆଚରଣ ଓ ସ୍ୱଭାବର ପରିବନ୍ତର୍ନ ଆଣିବାକୁ ହେଲ ଗାନ୍ଧିଜୀଙ୍କ ଅହିଂସା ନୀତି ଏବଂ ସତ୍ୟର ମାଗର୍ରେ ଆମକୁ ଚାଲିବାକୁ ପଡିବ ଅନ୍ୟଥା ଆମର ଜୀବନ ଘୋର ଅନ୍ଧକାର ମଧ୍ୟକୁ ଢେଲି ହୋଇଯିବ। ଗାନ୍ଧିଜୀ ସତ୍ୟ, ଧର୍ମ, ନ୍ୟାୟ ଅହିଂସାର ପୂଜାରୀ ଥ‌ିଲେ। ତାଙ୍କ ନୀତି ଆଦର୍ଶ ଆଜିର ବିଶୃଙ୍ଖଳିତ ଯୁବ ସମାଜ ପାଇଁ ଅତ୍ୟନ୍ତ ପ୍ରେରଣା ଦାୟୀ। ଗାନ୍ଧିଜୀ ମନୁଷ୍ୟ ମନ ମଧ୍ୟେର ଛୁଆଁ ଅଛୁଆଁ, ଉଚ୍ଚ ନୀଚର ଭେଦଭାବକୁ ନାପସନ୍ଦ କରୁଥ‌ିଲେ। ସମାଜେର ଧନୀ ଓ ଗରିବ ମଧ୍ୟେର ଥିବା ତାରତମ୍ୟକୁ ଦୂର କରିବା ପାଇଁ ଅେନକ ସଂଘର୍ଷ କରିଥ‌ିଲେ ଏବଂ ଅେନକ ଦୁଃଖ, ଯନ୍ତ୍ରଣା, ପୀଡା ସହିଥ‌ିଲେ। ସମାଜେର ଅବେହଳିତ ଅସହାୟ ଗରିବ ବ୍ୟକ୍ତି କିପରି ଶିକ୍ଷା ମାଧ୍ୟମେର ଆଗକୁ ବଢ଼ିପାରିବ ସେଥିପାଇଁ ସେ ପ୍ରେଚଷ୍ଟା କରିଥ‌ିଲେ। ଗାନ୍ଧିଜୀ ସଦାସବର୍ଦା ଧନ୍ଦାମୂଳକ ଶିକ୍ଷାକୁ ଗୁରୁତ୍ୱ ଦେଇଥ‌ିଲେ ସେଥିପାଇଁ ସେ କହୁଥ‌ିଲେ 'କୁଟି ଖାଅ କାଟି ପିନ୍ଧ' ତାଙ୍କର କହିବାର ତାତ୍ପର୍ଯ୍ୟ ଏହାଥିଲା କି ଶିକ୍ଷା ମାଧ୍ୟମେର କିପରି ଜେଣ ଆତ୍ମନିଭର୍ରଶୀଳ ହେଇପାରିବ ତାର ପରିବାରକୁ ପ୍ରତେପାଷଣ କରିପାରିବ। ଗାନ୍ଧିଜୀଙ୍କ ନୀତିଆଦଶର୍ରେ ଅନୁପ୍ରାଣିତ ହୋଇ ଆମ ସରକାର ଏେବ ଧନ୍ଦାମୂଳକଶିକ୍ଷାକୁ ଅଧିକ ପ୍ରାଧାନ୍ୟ ଦେଉଛନ୍ତି। ଏେବ ନିକଟେର ଆମ ରାଜ୍ୟର ମୋହନ ସରକାର ବିଦ୍ୟାଳୟେର ନୈତିକ ଶିକ୍ଷା ଅତ୍ୟନ୍ତ ଉପାଦୟ ଗୀତାର ପଠନର ବ୍ୟବସ୍ଥା ଆରମ୍ଭ କରିବା ପାଇଁ ନିଷ୍ପତି ନେଇଛନ୍ତି। ଏହା ଅତ୍ୟନ୍ତ ସ୍ୱାଗେତଯାଗ୍ୟ ପେଦକ୍ଷପ। ଆମ ଦେଶର ଗରିବ ଓ ମଧ୍ୟବିନ୍ନ ବ୍ୟକ୍ତି ସମସ୍ତ ନିତ୍ୟବ୍ୟବହାର କରୁଥିବା ସାମଗ୍ରୀ ଯେପରି ସାମାନ୍ୟ ଛୁଚିଂଟୁ ଆରମ୍ଭ କରି ଫ୍ରିଜ ପ୍ରଯ୍ୟନ୍ତ ଜିଏସଟି ଆକାରେର ସରକାର କୋଟି କୋଟି ଟଙ୍କା ଆଦାୟ କରୁଛନ୍ତି। ଟୋଲଟାକ୍ସେର ଅେନକ ରାଜସ୍ୱ ସରକାର କମାଉଛନ୍ତି। ଗୋଟିଏ ସାଧାରଣ ଗରିବ, ମଧ୍ୟବିତ ପରିବାର ପାଇଁ ଏହା ବୋଝ ଉପରେ ଲଳିତା ବିଡା ସଦୃଶ '। ବନ୍ତର୍ମାନ ସମୟେର ପନିପରିବା ଓ ଅତ୍ୟାବଶ୍ୟକୀୟ ସାମଗ୍ରୀର ଅେହତୁକ ବୃଦ୍ଧି ସାଧାରଣ ଗରିବ ମଧ୍ୟବିତ ବ୍ୟକ୍ତିଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ସାଜିଛି। ନିଜର ଗୁଜୁରାଣ ମେଣ୍ଟାଇବା ପାଇଁ ସେମାେନ ରାତିଦିନ ସଂଘର୍ଷ କରୁଛନ୍ତି ଏବଂ ଯେଉଁମାେନ କ୍ୟାନସର, ଡାଇେବଟିସ, ହାର୍ଟ ଆଟାକ ପରି ଭୟଙ୍କର ରୋଗେର ପୀଡିତ ସେମାନଙ୍କ ସମସ୍ତ ଝାଳବୁହା କଷ୍ଟଉପାର୍ଜିତ ଅର୍ଥ ବିନିଯୋଗ ହେଉଛି ମେଡ଼ିସିନ ଏବଂ ମେଡିକାଲ ଟେଷ୍ଟେର। ସେଥିପାଇଁ ଅେନକ ସାଧାରଣ ବ୍ୟକ୍ତି ଋଣ ଭାରେର ଭାରାକ୍ରାନ୍ତ ହୋଇ ଆତ୍ମହତ୍ୟା କରିବାକୁ ବାଧ୍ୟ ହେଉଛନ୍ତି। ଏଥିପାଇଁ ଆମ ସରକାରୀ କଳ ଏବଂ ଜଟିଳ ବ୍ୟବସ୍ଥା ଦାୟୀ। ଆଇଏଲଓର ରେପାର୍ଟ ଅନୁସାେର ୨୦୦୦ମସିହା ତୁଳନାେର ଦେଶେର ବନ୍ତର୍ମାନ ଶିକ୍ଷିତ ବେକାରୀଙ୍କ ସଂଖ୍ୟାେର ଦୁଇଗୁଣା ବୃଦ୍ଧି ଘଟିଛି। ୨୦୦୦ ମସିହାେର ଆମ ଦେଶେର ଶିକ୍ଷିତ ବେକାରୀଙ୍କ ସଂଖ୍ୟା ୩୫.୨%ଥିଲା କିନ୍ତୁ ୨୦୨୨ରେ ଏହା ୬୫.୭% ବୃଦ୍ଧି ଘଟିଛି। ସରକାର ବେକାରୀ ସମସ୍ୟା ପ୍ରତି ଗୁରୁତ୍ୱ ଦେଉନାହାନ୍ତି। ଆମ ସରକାର କୁମ୍ଭକର୍ଣ୍ଣ ନିଦ୍ରାେର ଶୋଇପଡିଥିବା ପରି ପ୍ରତୀୟମାନ ହେଉଛି। ବଡ଼ ବଡ଼ ଅ...ଳିକ, ରାସ୍ତା ନିର୍ମାଣ ସୌନ୍ଦ୍ରଯ୍ୟକରଣ ନାମେର ଲକ୍ଷ ଲକ୍ଷ ଗଛଲତା ବଳି ପଡୁଛନ୍ତି। ସେଥିପାଇଁ ତାପମାତ୍ରା ଅେହତୁକ ବୃଦ୍ଧି ଘଟୁଛି। ଅେନକ ସ୍ଥାନେର ଗ୍ରୀଷ୍ମ ଋତୁରେ ତାପମାତ୍ରା ୪୮ସ୍ପ,୪୯ସ୍ପ କେତେକ ସ୍ଥାନେର ଏହା ୫୦ ଡିଗ୍ରୀରୁ ଅଧିକ ପ୍ରଚଣ୍ଡ ରୌଦ୍ର ତାପ ହେଉଛି। ପାଣିପାଗ ବିଶେଷଜ୍ଞଙ୍କ ମତେର ଆଗକୁ ପରିସ୍ଥିତି ଭୟଙ୍କର ହେବାକୁ ଯାଉଛି। ବିଶ୍ୱେର ଅସ୍ୱାଭାବିକ ଭାବେ ବଦଳୁଛି ପାଣିପାଗ। ଜଳବାୟୁ ପରିବତର୍ନ ପାଇଁ ବନ୍ୟପ୍ରାଣୀ, ଗଛଲତା, ମନୁଷ୍ୟ, ଜୀବଜନ୍ତୁ ଅେନକ ସମସ୍ୟାେର ସମ୍ମୁଖୀନ ହେଉଛନ୍ତି। ଅେନକ ସମୟେର ଏହି ଜଳବାୟୁ ପରିବତର୍ନ ପ୍ରଭାବେର ସେମାେନ ପ୍ରାଣତ୍ୟାଗ କରୁଛନ୍ତି। ବିଶ୍ୱର ଲଣ୍ଡନ, ପ୍ୟାରିସ ନ୍ୟୁୟର୍କ/ ଟୋକିଓ ପରି ବଡ଼ବଡ଼ ସହର ଏବଂ ଆମ ଦେଶର ମେଟ୍ରୋସିଟି ଦିଲ୍ଲୀ, ମୁମ୍ବାଇ, ବାଙ୍ଗେଲାର, ଚେନ୍ନାଇେର କ୍ରମାଗତ ଜନସଂଖ୍ୟା ଓ ଗାଡ଼ିମଟର, କଳକାରଖାନା ବୃଦ୍ଧି ପାଇଁ ବାୟୁମଣ୍ଡଳ ବିଷାକ୍ତ ହେବାେର ଲାଗିଛି। ସ୍ପ୍ରେ, ଅତର ବହୁଳ ବ୍ୟବହାର ପାଇଁ ଆମ ଓଜ଼ନ ସ୍ତରେର ରନ୍ଧ୍ର ହେବାରେ ଲାଗିଛି। ଏଥିପାଇଁ ଚମର୍କର୍କଟ ପରି ଭୟଙ୍କର ସମସ୍ୟାେର ଜଜର୍ରିତ ବିଶ୍ୱବାସୀ। ବିଭିନ୍ନ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତେର ଏପରି ପରିସ୍ଥିତି ଲାଗିରହିଲେ ଆଗାମୀ କିଛି ବର୍ଷ ମଧ୍ୟେର ବିଶ୍ୱର ୫୦%ରୁ ଅଧିକ ବ୍ୟକ୍ତି ବିଭିନ୍ନ ଶ୍ୱାସଜନିତ ରୋଗ ଯେପରି ଆଜମା, ଫୁସଫୁସ୍, ହାଟର୍ଷ୍ଟ୍ରୋକ, କ୍ୟାନସର ପରି ଭୟଙ୍କର ରୋଗେର ଆକ୍ରାନ୍ତ ହେବ।

Printed, Published,Edited and Ownedby Prakash Kumar Dhal,Printed at Das Offset Printers,Uditnagar,Main Road,Rourkela, Dist. Sundargarh, orissa -769012 & Published at QR.No. ECR-73,Chhend Colony,Rourkela -15, Dist. Sundergarh, Orissa. ସମ୍ପାଦକ: ପ୍ରକାଶ କୁମାର ଧଳ
Mobile : 9439951525,Email: utkalsamachar@gmail.com / utkalsamachar@rediffmail.com ([illegible]) Phone: 0661-2646999 Editor : Prakash Kumar Dhal
CITY OFFICE: B/204, SECTOR-16, ROURKELA, Pin:769003





ଡିସେମ୍ବର ୨୦୨୬ ସୁଦ୍ଧା ନବରଙ୍ଗପୁର ଜିଲ୍ଲାର ୧୫୯ଟି ଗ୍ରାମକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଲକ୍ଷ୍ୟ



ଜିଲ୍ଲାପାଳଙ୍କ ଦ୍ୱାରା ମେଗା ପାଇପ୍ ଜଳଯୋଗାଣ ପ୍ରକଳ୍ପ ସମେତ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର କ୍ଷେତ୍ର ପରିଦର୍ଶନ ଓ ସମୀକ୍ଷା

ନବରଙ୍ଗପୁର,୧/୧୧(ନି/ପ୍ର): ନବରଙ୍ଗପୁର ଜିଲ୍ଲାର ଗ୍ରାମାଂଚଳରେ ପ୍ରତ୍ୟେକ ପରିବାରକୁ ନିରାପଦ, ବିଶୁଦ୍ଧ ଓ ନିରନ୍ତର ପାନୀୟ ଜଳ ଯୋଗାଣ ସୁନିଶ୍ଚିତ କରିବା ଦିଗରେ ରାଜ୍ୟ ସରକାରଙ୍କ ପକ୍ଷରୁ ମେଗା ପାଇପ୍ ?ଡ୍ ଜଳଯୋଗାଣ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି। ଏହି ପରିପ୍ରେକ୍ଷୀରେ ଆଜି ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଶ୍ରୀମତୀ ମଧୁମିତା ପ୍ରକଳ୍ପର ଜଳ ବିଶୋଧନାଗାର ପରିଦର୍ଶନ କରିବା ସହ ପ୍ରକଳ୍ପର ସାମଗ୍ରିକ ଅଗ୍ରଗତି ଓ ନିର୍ମାଣ କାର୍ଯ୍ୟର ସ୍ଥିତି ସମୀକ୍ଷା କରିଥିଲେ। ଏହି ମେଗା ପାଇପ୍ଡ୍ ଜଳଯୋଗାଣ ପ୍ରକଳ୍ପ ମାଧ୍ୟମରେ ନବରଙ୍ଗପୁର, ପାପଡ଼ାହାଣ୍ଡି ଓ କୋଷାଗୁମୁଡ଼ା ବ୍ଲକ୍‌ର ୪୦ଟି ଗ୍ରାମ ପଚାଂୟତ ଅନ୍ତର୍ଗତ ମୋଟ ୧୫୯ଟି ଗ୍ରାମକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ କରିବାର ଲକ୍ଷ୍ୟ ରହିଛି। ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେବା ଦ୍ୱାରା ଉକ୍ତ ଅଚଂଳର ଗ୍ରାମବାସୀଙ୍କୁ ପାନୀୟ ଜଳ ସମସ୍ୟାରୁ ଆଶ୍ୱସ୍ତି ମିଳିବା ସହ ଗ୍ରାମାଚଂଳର ଜଳଯୋଗାଣ ବ୍ୟବସ୍ଥା ଅଧିକ ସୁଦୃଢ଼ ହୋଇପାରିବ। ପରିଦର୍ଶନ ସମୟରେ ଜିଲ୍ଲାପାଳ ଜଳ ବିଶୋଧନାଗାରର କାର୍ଯ୍ୟକାରିତା, ପ୍ରକଳ୍ପ ଅନ୍ତର୍ଗତ ବିଭିନ୍ନ ନିର୍ମାଣାଧୀନ ଭିତିଭୂମି, ପାଇପ୍ ବିଛାଇବା କାର୍ଯ୍ୟ,ଜଳ ସଂରକ୍ଷଣ ବ୍ୟବସ୍ଥା ଏବଂ ଅବଶିଷ୍ଟ କାର୍ଯ୍ୟଗୁଡ଼ିକର ସ୍ଥିତି ସମ୍ପର୍କରେ ଅଧିକାରୀମାନଙ୍କଠାରୁ ବିସ୍ତୃତ ତଥ୍ୟ ନେଇଥିଲେ। ପ୍ରକଳ୍ପର ପ୍ରତ୍ୟେକ ପର୍ଯ୍ୟାୟରେ ନିର୍ମାଣର ଗୁଣାତ୍ମକ ମାନ, ବୈଷୟିକ ମାନଦଣ୍ଡ ଓ ନିର୍ଦ୍ଧାରିତ ସମୟସୀମା ପାଳନ ଉପରେ ସେ ଗୁରୁତ୍ୱ ଦେଇଥିଲେ। ବିଶେଷ କରି ପ୍ରକଳ୍ପ ଅନ୍ତର୍ଗତ ଗୋଟିଏ ଇଟଂରମିଡିଏଟ୍ ବୁଷ୍ଟର ପମ୍ପିଂ ଷ୍ଟେସନ୍ ଏବଂ ୫ଟି ଉଚ୍ଚସ୍ଥିତ ଜଳ ସଂରକ୍ଷଣ ଟାଙ୍କିର ଅବଶିଷ୍ଟ ନିର୍ମାଣ କାର୍ଯ୍ୟ ନଭେମ୍ବର ୨୦୨୬ ସୁଦ୍ଧା ଶେଷ କରିବାକୁ ସେ କାର୍ଯ୍ୟନିର୍ବାହୀ ସଂସ୍ଥାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଡିସେମ୍ବର ୨୦୨୬ ସୁଦ୍ଧା ସମସ୍ତ ୧୫୯ଟି ଗ୍ରାମରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବାକୁ ସମୟସୀମା ଧାର୍ଯ୍ୟ କରିଥିଲେ। ଏହି ସମୀକ୍ଷା ସମୟରେ ଜଡଝଝ ଡିଭିଜନ୍‌ର ଅଧୀକ୍ଷଣ ଯନ୍ତ୍ରୀ, ପାପଡ଼ାହାଣ୍ଡି ବ୍ଲକ୍‌ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସହକାରୀ ଯନ୍ତ୍ରୀ, ଅଥରିଟି ଇଞ୍ଜିନିୟର, ପ୍ରକଳ୍ପ ପରିଚାଳକ ଏବଂ କାର୍ଯ୍ୟନିର୍ବାହୀ ସଂସ୍ଥା ଜିଭିପିଆର୍ ଇଞ୍ଜିନିୟର୍ସ ଲିମିଟେଡ୍‌ର ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ରହି ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ଜିଲ୍ଲାପାଳଙ୍କୁ ଅବଗତ କରାଇଥିଲେ। ଜଳଯୋଗାଣ ପ୍ରକଳ୍ପ ପରିଦର୍ଶନ ସହିତ ଜିଲ୍ଲାପାଳ ପାପଡ଼ାହାଣ୍ଡି ବ୍ଲକ୍ କାର୍ଯ୍ୟାଳୟ ପରିଦର୍ଶନ କରି ବିଡିଓ ଓ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ (ଉଉଚଡ)ଙ୍କ ସହ ଆଲୋଚନା କରିଥିଲେ। ବ୍ଲକ୍‌ର ଭୌଗୋଳିକ ସ୍ଥିତି, ଏହାର ସୀମାବର୍ତୀ ଅଚଂଳ, ପଡ଼ୋଶୀ ବ୍ଲକ୍ ଓ କଳାହାଣ୍ଡି ଜିଲ୍ଲା ସହିତ ଏହାର ଭୌଗୋଳିକ ସମ୍ପର୍କ, ସଂରକ୍ଷିତ ଜଙ୍ଗଲ ଅଚଂଳର ପରିସୀମା ଏବଂ ଏହା ସହ ଜଡ଼ିତ ବିଭିନ୍ନ ସମସ୍ୟା ସମ୍ପର୍କରେ ସେ ତଥ୍ୟ ନେଇଥିଲେ। ଏଥିସହ ଜନସାଧାରଣଙ୍କୁ ସରକାରୀ ସେବା ଯୋଗାଣରେ ରହିଥିବା ସମସ୍ୟା ଓ ତାହାର ସମାଧାନ ଉପରେ ଆଲୋଚନା କରିଥିଲେ। ବ୍ଲକ୍ ମୁଖ୍ୟାଳୟରେ ଏକ ଆଦର୍ଶ ହାଟ ପ୍ରତିଷ୍ଠାର ଆବଶ୍ୟକତା ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ। ଏଥିସହ ସିଡିପିଓ କାର୍ଯ୍ୟାଳୟ ଭବନ ଓ ମିଶନ ଶକ୍ତି ଭବନର ଅସମ୍ପୂର୍ଣ୍ଣ କାର୍ଯ୍ୟ ଶୀଘ୍ର ଶେଷ କରିବା, ସକ୍ଷମ ଅଙ୍ଗନବାଡ଼ି କେନ୍ଦ୍ରର ଭିତିଭୂମି ଓ ସୁବିଧାସୁଯୋଗର ଉନ୍ନତିକରଣ ଉପରେ ଆବଶ୍ୟକ ପଦକ୍ଷେପ ନେବାକୁ ସେ ସମ୍ପୃକ୍ତ ଅଧିକାରୀଙ୍କୁ କହିଥିଲେ। ଜିଲ୍ଲାପାଳ ଟାଣ୍ଡାଗୁଡ଼ାସ୍ଥିତ ଟେରାକୋଟା କେନ୍ଦ୍ର ପରିଦର୍ଶନ କରି ସେଠାରେ କାର୍ଯ୍ୟରତ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କ ସହ ଆଲୋଚନା କରିଥିଲେ। ଏହି ସମୟରେ ଓଡ଼ିଶା ଜୀବିକା ମିଶନର ବ୍ଲକ୍ ପ୍ରକଳ୍ପ ପରିଚାଳକ (ଇଚଗ) ଉପସ୍ଥିତ ଥିଲେ। ମାଟିରୁ ବିଭିନ୍ନ ଟେରାକୋଟା ସାମଗ୍ରୀ ପ୍ରସ୍ତୁତିର ପ୍ରକ୍ରିୟା, ଉତ୍ପାଦର ଗୁଣବତା, ବଜାର ସଂଯୋଗ, ବିକ୍ରୟ ବ୍ୟବସ୍ଥା ଏବଂ ଉତ୍ପାଦକ ଗୋଷ୍ଠୀ ଭାବେ ସେମାନଙ୍କର ଆର୍ଥିକ ସ୍ୱାବଲମ୍ବନର ସୁଯୋଗ ସମ୍ପର୍କରେ ଜିଲ୍ଲାପାଳ ଆଲୋଚନା କରିଥିଲେ।

ନାକଟିଦେଉଳ ମହାବିଦ୍ୟାଳୟରେ ଜାତୀୟ ଏକତା ଦିବସ ପାଳିତ



ସମ୍ବଲପୁର,୧/୧୧(ନି/ପ୍ର): ନାକଟିଦେଉଳ ସ୍ନାତକ ମହାବିଦ୍ୟାଳୟ ଆନୁକୂଲ୍ୟରେ ଜାତୀୟ ଏକତା ଦିବସ ଓ ଭାରତର ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷ ସୁଧୀର କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ବୌଦ୍ଧିକ ସମାରୋହରେ ନାକଟିଦେଉଳ ଥାନାର ଭାରପ୍ରାପ୍ତ ନିରୀକ୍ଷକ ଅମୁନ୍ ସେନ୍ କିରୋ ମୁଖ୍ୟ ଅତିଥି ଏବଂ ଅଧ୍ୟାପକ ଶେଷଦେବ ବିଶ୍ୱାଳ ମୁଖ୍ୟବକ୍ତା ଭାବେ ଯୋଗଦେଇ ଜାତୀୟ ଏକତା ଦିବସ ଓ ସର୍ଦ୍ଦାର ପଟେଲଙ୍କ ଜୀବନ ତଥା ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଅଧ୍ୟାପକ ଦେବେଶ ବିଶ୍ୱାଳ, ବିନୋଦ ବିହାରୀ ପ୍ରଧାନ, ଭଜମୋହନ ପ୍ରଧାନ, ସୁଭାଷ ଚନ୍ଦ୍ର ବେହେରା ଓ ହିମାଂଶୁ ବାରିକ ଅଖଣ୍ଡ ଭାରତ, ଦେଶୀୟ ରାଜ୍ୟଗୁଡ଼ିକର ମିଶ୍ରଣ ଓ ଭାରତୀୟ ସମ୍ବିଧାନ ବିଷୟରେ ଆଲୋଚନା କରିଥିଲେ। ଛାତ୍ରଛାତ୍ରୀ ଓ କର୍ମଚାରୀମାନେ ଦେଶରେ ଶାନ୍ତି, ମୈତ୍ରୀ ଓ ଏକତା ପ୍ରତିଷ୍ଠା ପାଇଁ ଶପଥ ନେଇଥିଲେ। ପରେ ଛାତ୍ରଛାତ୍ରୀମାନେ ଅଚଂଳ ପରିକ୍ରମା କରିଥିଲେ। ଅଧ୍ୟାପିକା ଡଃ ଆର. ପୁଷ୍ପାଞ୍ଜଳି ଧନ୍ୟବାଦ ଅର୍ପଣ କରିଥିଲେ।

ଜାତୀୟ ଏକତା ଦିବସ ପାଳନ ସହ ଜିଏମ୍‌ୟୁରେ ସପ୍ତମ ଲୋକ ବକ୍ତୃତାମାଳା

‘ରାଷ୍ଟ୍ରୀୟ ଏକାତ୍ମତା, ଜାତୀୟ ଏକତା ଓ ସର୍ଦ୍ଦାର ପଟେଲ’ ଶୀର୍ଷକରେ ଆଲୋଚନା



ସମ୍ବଲପୁର,୧/୧୧(ନି/ପ୍ର): ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ଅବସରରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ଜାତୀୟ ଏକତା ଦିବସ ପାଳନ ସହ ସପ୍ତମ ଲୋକ ବକ୍ତୃତାମାଳା ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟସ୍ଥିତ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ଲୋକନୀତି ଓ ପ୍ରଶାସନ କେନ୍ଦ୍ର ପକ୍ଷରୁ ଶନିବାର ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବକ୍ତୃତାର ବିଷୟବସ୍ତୁ ଥିଲା—‘ରାଷ୍ଟ୍ରୀୟ ଏକାତ୍ମତା, ଜାତୀୟ ଏକତା ଓ ସର୍ଦ୍ଦାର ପଟେଲ’। ସମ୍ମାନିତ ବକ୍ତା ଭାବେ ଏକାତ୍ମ ମାନବ ଦର୍ଶନ ଅନୁସନ୍ଧାନ ଏବଂ ବିକାଶ ପ୍ରତିଷ୍ଠାନର ସଭାପତି ପ୍ରଫେସର ମହେଶ ଚନ୍ଦ୍ର ଶର୍ମା ଯୋଗଦେଇ ଭାରତୀୟ ସ୍ୱାଧୀନତା ଆନ୍ଦୋଳନ, ସମ୍ବିଧାନ ପ୍ରଣୟନ ଏବଂ ଦେଶୀୟ ରାଜ୍ୟଗୁଡ଼ିକର ମିଶ୍ରଣରେ ସର୍ଦ୍ଦାର ପଟେଲଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ଡ. ସିଂହ ଶୁଭଲକ୍ଷ୍ମୀ ବାଇଧରଙ୍କ ପରିଚାଳନାରେ ହୋଇଥିବା ସମାବେଶରେ ଡ. କେଶବ ଚନ୍ଦ୍ର ରଥ ଅତିଥି ପରିଚୟ ପ୍ରଦାନ କରିଥିଲେ। କୁଳପତି ପ୍ରଫେସର ବ୍ୟୋମକେଶ ତ୍ରିପାଠୀ ସ୍ୱାଗତ ଭାଷଣରେ ସର୍ଦ୍ଦାର ପଟେଲଙ୍କ ଜୀବନ, ଦର୍ଶନ ଓ ଅବଦାନ ବିଷୟରେ କହିଥିଲେ। ଏହି ଅବସରରେ ଜିଏମ୍‌ୟୁ ସିଣ୍ଡିକେଟ୍ ସଦସ୍ୟ ଡ. ଉଦୟଧର ପଟ୍ଟନାୟକଙ୍କ ରଚିତ ସାଂସ୍କୃତିକ ରାଷ୍ଟ୍ରବାଦର ଜ୍ଞାନକୋଷ ଆଧାରିତ ଏକ ଇଂରାଜୀ ପୁସ୍ତକ ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମରେ ଡ. ଜ୍ଞାନ ରଞ୍ଜନ ସ୍ୱାଇଁ, ଡ. ପ୍ରିୟଦର୍ଶୀ ଯୋଶୀ, ସୁରଜ କୁମାର ବୈଦିକ, ବନିତା ମହାନନ୍ଦ, ପ୍ରଳୟ ଓଝା ଓ ଅନୁରଞ୍ଜନ ଟେଟେ ସହଯୋଗ କରିଥିଲେ। ଏଥିରେ ସ୍ନାତକ ଓ ସ୍ନାତକୋତ୍ତର ଶ୍ରେଣୀର ଛାତ୍ରଛାତ୍ରୀ, ଅଧ୍ୟାପକ-ଅଧ୍ୟାପିକା ଏବଂ ନିମନ୍ତ୍ରିତ ଅତିଥିମାନେ ଯୋଗଦେଇଥିଲେ।

ଝାରସୁଗୁଡ଼ାରେ ପ୍ରଥମ ଡୁଏଲ୍ ଚାମ୍ବର ପେସମେକର ପ୍ରତ୍ୟାରୋପଣ ସଫଳ

ଝାରସୁଗୁଡ଼ା,୧/୧୧(ନି/ପ୍ର): ପଶ୍ଚିମ ଓଡ଼ିଶାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଯୋଡ଼ି ହୋଇଛି ଆଉ ଏକ ସଫଳତାର ଅଧ୍ୟାୟ। ଝାରସୁଗୁଡ଼ା ବିଏମ୍‌ଆରସି କାର୍ଡିଆକ୍ କେୟାର ହସ୍ପିଟାଲ ପକ୍ଷରୁ ଜିଲ୍ଲାରେ ପ୍ରଥମ ଥର ପାଇଁ ସଫଳତାର ସହ ଡୁଏଲ୍ ଚାମ୍ବର ପେସମେକର ପ୍ରତ୍ୟାରୋପଣ କରାଯାଇଛି। ଏହି ସଫଳତା ଜିଲ୍ଲାବାସୀଙ୍କ ପାଇଁ ଉନ୍ନତ ହୃଦରୋଗ ଚିକିତ୍ସା କ୍ଷେତ୍ରରେ ଏକ ନୂଆ ଆଶା ସୃଷ୍ଟି କରିଛି। ହସ୍ପିଟାଲର ହୃଦରୋଗ ବିଶେଷଜ୍ଞ ଡା. ବିକ୍ରମାଦିତ୍ୟ ପଢ଼ୀଙ୍କ ନେତୃତ୍ୱରେ ଜଣେ ୭୫ ବର୍ଷୀୟ ବୃଦ୍ଧଙ୍କ ଶରୀରରେ ଏହି ଜଟିଳ ଚିକିତ୍ସା ପ୍ରକ୍ରିୟା ସଫଳତାର ସହ ସମ୍ପନ୍ନ ହୋଇଛି। ରୋଗୀ ଦୀର୍ଘଦିନ ଧରି ହୃଦସ୍ପନ୍ଦନ ଅତ୍ୟନ୍ତ ମନ୍ଥର ହେବା, ମୁଣ୍ଡ ବୁଲାଇବା ଓ ଶାରୀରିକ ଦୁର୍ବଳତା ଭଳି ସମସ୍ୟାରେ ପୀଡ଼ିତ ଥିଲେ। ପେସମେକର ପ୍ରତ୍ୟାରୋପଣ ପରେ ବର୍ତମାନ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଓ ସନ୍ତୋଷଜନକ ରହିଛି।

କୁରେମାଲ ଓ ବାଘମୁଣ୍ଡା ପାନ୍ଥନିବାସ ସୁବିଧା କେନ୍ଦ୍ର ପରିଦର୍ଶନ କଲେ ଜିଲ୍ଲାପାଳ

ଝାରସୁଗୁଡ଼ା,୧/୧୧(ନି/ପ୍ର): ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ଲଖନପୁର ବ୍ଲକ ଅନ୍ତର୍ଗତ କୁରେମାଲ ଏବଂ ବାଘମୁଣ୍ଡା ସ୍ଥିତ ପାନ୍ଥନିବାସ ସୁବିଧା କେନ୍ଦ୍ର ପରିଦର୍ଶନ କରି କାର୍ଯ୍ୟଧାରାର ସମୀକ୍ଷା କରିଛନ୍ତି। ଏହି ପରିଦର୍ଶନ ସମୟରେ ଲଖନପୁର ତହସିଲଦାର ପ୍ରସନ୍ନ କୁମାର ପଟେଲ, ରାଜସ୍ୱ ପରିଦର୍ଶକ ଏବଂ ଗୋବିନ୍ଦପୁର ରାଜସ୍ୱ ନିରୀକ୍ଷକ (ଆର.ଆଇ.) ଉପସ୍ଥିତ ଥିଲେ। କୁରେମାଲ ସ୍ଥିତ ପାନ୍ଥନିବାସ କେନ୍ଦ୍ର ପରିଦର୍ଶନ ବେଳେ ଜିଲ୍ଲାପାଳ କେନ୍ଦ୍ର ପରିଚାଳନା କରୁଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କ ସହିତ ଆଲୋଚନା କରିଥିଲେ। ତେବେ କେନ୍ଦ୍ରର ରୋଷେଇଶାଳା ଓ ଦୋକାନ ବନ୍ଦ ରହିଥିବା ଦେଖିବା ସହିତ ନିୟୋଜିତ ସୁରକ୍ଷାକର୍ମୀ କାର୍ଯ୍ୟରୁ ଅନୁପସ୍ଥିତ ଥିବାରୁ ଜିଲ୍ଲାପାଳ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ। ଏହି ସମସ୍ୟାର ତୁରନ୍ତ ସମାଧାନ କରି କେନ୍ଦ୍ରକୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା ପାଇଁ ଝାରସୁଗୁଡ଼ା ଜିଲ୍ଲା ପର୍ଯ୍ୟଟନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଅପରପକ୍ଷରେ, ବାଘମୁଣ୍ଡା ସ୍ଥିତ ପାନ୍ଥନିବାସ ସୁବିଧା କେନ୍ଦ୍ର ପରିଦର୍ଶନ କରି ଜିଲ୍ଲାପାଳ ସନ୍ତୋଷ ବ୍ୟକ୍ତ କରିଥିଲେ। ସେଠାରେ ଦାୟିତ୍ୱରେ ଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାମାନଙ୍କ ସହ ସେ ବ୍ୟବସାୟର ସ୍ଥିତି, ଖାଦ୍ୟର ଗୁଣବତା ଏବଂ କେନ୍ଦ୍ର ଖୋଲା ରହିବା ସମୟ ସମ୍ପର୍କରେ ପଚାରି ବୁଝିଥିଲେ। ଗ୍ରାହକମାନଙ୍କୁ ଅଧିକ ଆକୃଷ୍ଟ କରିବା ପାଇଁ ଖାଦ୍ୟର ଉଚ୍ଚ ମାନ ଓ ଉତମ ବ୍ରାଣ୍ଡିଂ ବଜାୟ ରଖିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ଏହା ସହିତ ରାତ୍ରିକାଳୀନ ଯାତ୍ରୀମାନଙ୍କ ସୁବିଧା ପାଇଁ ପୁରୁଷ କର୍ମଚାରୀ ନିୟୋଜିତ କରି କେନ୍ଦ୍ରକୁ ମଧ୍ୟରାତ୍ରି ପର୍ଯ୍ୟନ୍ତ ଖୋଲା ରଖିବା ଦିଗରେ ପଦକ୍ଷେପ ନେବାକୁ ସେ ଗୋଷ୍ଠୀର ସଦସ୍ୟାମାନଙ୍କୁ ପ୍ରୋତ୍ସାହିତ କରିଥିଲେ।

ବଡ଼ରମା ଘାଟିରେ ଛିଡ଼ା ଟ୍ରକ୍ ସହ ବ୍ରେଜାର ଧକ୍କା

ଧନୁପାଲି ମହାବୀରପଡ଼ାର ଦମ୍ପତି ଗୁରୁତର



ସମ୍ବଲପୁର,୧/୧୧(ନି/ପ୍ର):ସମ୍ବଲପୁର ସହରର ଧନୁପାଲି ମହାବୀରପଡ଼ା ନିବାସୀ ରବୀନ୍ଦ୍ର କୁମାର ଜେନା ଓ ତାଙ୍କ ପତ୍ନୀ ମେନକା ଜେନା କାର ଦୁର୍ଘଟଣାରେ ଗୁରୁତର ଆହତ ହୋଇଛନ୍ତି। ରବୀନ୍ଦ୍ର ଜେନା ଭୁତାପଡ଼ାସ୍ଥିତ ମା’ ମଙ୍ଗଳା ମନ୍ଦିରର ପୃଷ୍ଠପୋଷକ ତଥା ମା’ଙ୍କ ପରମ ଭକ୍ତ। ସେମାନେ ସମ୍ବଲପୁର ଫେରୁଥିବା ସମୟରେ ଶୁକ୍ରବାର ବିଳମ୍ବିତ ରାତିରେ ସମ୍ବଲପୁର–ଦେବଗଡ଼ ଜାତୀୟ ରାଜପଥ ୫୩ର ବଡ଼ରମା ଘାଟିରେ ରାସ୍ତାରେ ଛିଡ଼ା ହୋଇଥିବା ଏକ ଟ୍ରକ୍ ସହ ସେମାନଙ୍କ ବ୍ରେଜା କାରର ଧକ୍କା ହୋଇଥିଲା। କାରର ନମ୍ବର ଓଡି ୦୫ ବିକେ ୨୪୧୪। ଧକ୍କାରେ କାରର ସମ୍ମୁଖ ଭାଗ ସମ୍ପୂର୍ଣ୍ଣ ଚୁରମାର ହୋଇଯାଇଛି। ଉଭୟଙ୍କୁ ଅଧିକ ଚିକିତ୍ସା ପାଇଁ ଭୁବନେଶ୍ୱରସ୍ଥିତ ମଣିପାଳ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି।

କିସିଣ୍ଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ରାଷ୍ଟ୍ରୀୟ ଏକତା ଦିବସ ପାଳିତ



ସମ୍ବଲପୁର,୧/୧୧(ନି/ପ୍ର): ସମ୍ବଲପୁର ଜିଲ୍ଲା ନାକଟିଦେଉଳ ବ୍ଲକ ଅନ୍ତର୍ଗତ କିସିଣ୍ଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ଛାତ୍ରଛାତ୍ରୀଙ୍କୁ ନେଇ ଏକ ସଭା ଆୟୋଜିତ ହୋଇଥିଲା। ରାଜନୀତି ବିଜ୍ଞାନ ବିଭାଗର ଅଧ୍ୟାପକ କୌଶିକ କୁମାର ପ୍ରଧାନ ସଭାର ସଂଯୋଜନା କରିଥିଲେ। କିସିଣ୍ଡା ଥାନାଧିକାରୀ ରାଜେନ୍ଦ୍ର ବେହେରା ମୁଖ୍ୟ ଅତିଥି ଓ ସବ୍-ଇନ୍ସପେକ୍ଟର ଗୋଲକ ବିହାରୀ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମବାର୍ଷିକୀ ଅବସରରେ ରାଷ୍ଟ୍ରୀୟ ଏକତାର ଗୁରୁତ୍ୱ ଉପରେ ଅଭିଭାଷଣ ଦେଇଥିଲେ। ବିଦ୍ୟାଳୟର ଅଧକ୍ଷା ସୁଶ୍ରିତା ଭୋଇ ସଭାପତିତ୍ୱ କରିବା ସହ ରାଷ୍ଟ୍ରୀୟ ଏକତା ଦିବସ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ସଂକ୍ଷିପ୍ତ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର କର୍ମଚାରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ସମସ୍ତ କର୍ମଚାରୀଙ୍କ ସହଯୋଗରେ ଆୟୋଜିତ ସଭା ଅଧକ୍ଷାଙ୍କ ଧନ୍ୟବାଦ ଜ୍ଞାପନ ସହ ସମାପ୍ତ ହୋଇଥିଲା।

୧୦୨ ବର୍ଷ ବୟସରେ ବିନୋଦିନୀଙ୍କ ପରଲୋକ



ସମ୍ବଲପୁର,୧/୧୧(ନି/ପ୍ର): ମାନେଶ୍ୱର ବ୍ଲକ୍ ଅନ୍ତର୍ଗତ ସାହାସପୁର ଗ୍ରାମର ଶତାୟୁ ବୃଦ୍ଧା ବିନୋଦିନୀ ପୃସେଟଙ୍କ ୧୦୨ ବର୍ଷ ବୟସରେ ପରଲୋକ ଘଟିଛି। ତାଙ୍କ ବିୟୋଗରେ ପରିବାରବର୍ଗ, ଆତ୍ମୀୟସ୍ୱଜନ ଓ ଗ୍ରାମବାସୀଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି। ବାର୍ଦ୍ଧକ୍ୟଜନିତ ଦୁର୍ବଳତା କାରଣରୁ ସେ ଗତ କିଛି ବର୍ଷ ଧରି ଶଯ୍ୟାଶାୟୀ ଥିଲେ। ତାଙ୍କର ୫ ଜଣ ପୁଅ ଓ ୩ ଜଣ ଝିଅ ଅଛନ୍ତି। ମୃତ୍ୟୁ ସମୟରେ ପୁଅ, ପୁତ୍ରବଧୂ, ନାତି-ନାତୁଣୀ, ଅଣନାତି-ଅଣନାତୁଣୀ, ଛଣନାତି-ଛଣନାତୁଣୀଙ୍କ ସମେତ ଆତ୍ମୀୟସ୍ୱଜନ ଓ ଶୁଭେଚ୍ଛୁମାନେ ଉପସ୍ଥିତ ରହି ତାଙ୍କର ଶେଷ ଦର୍ଶନ କରିଥିଲେ। ପରେ ଗ୍ରାମ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା। ପୁତ୍ର ମୃତ୍ୟୁଞ୍ଜୟ ପୃସେଟ ମୁଖାଗ୍ନି ଦେଇଥିଲେ।

ଝାରସୁଗୁଡ଼ାରେ ବିଶ୍ୱ ମିତବ୍ୟୟୀତା ଦିବସ ପାଳିତ



ଝାରସୁଗୁଡ଼ା,୧/୧୧(ନି/ପ୍ର): ଜିଲ୍ଲା ସଂଚୟ ଓ ଆର୍ଥିକ ସେବା ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ସଂସ୍କୃତି ଭବନ ପରିସରରେ ବିଶ୍ୱ ମିତବ୍ୟୟୀତା ଦିବସ ଉପଲକ୍ଷେ ଏକ ସ୍ୱତନ୍ତ୍ର ଆର୍ଥିକ ସାକ୍ଷରତା ତଥା ଆର୍ଥିକ ଅନ୍ତର୍ଭୁକ୍ତିକରଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ଜିଲ୍ଲାପାଳ କୁନାଲ ମୋତିରାମ ଚହ୍ୱାଣ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ନିୟମିତ ସଚଂୟର ଉପକାରିତା ଉପରେ ଆଲୋକପାତ କରିବା ସହ ଉପସ୍ଥିତ ସମସ୍ତଙ୍କୁ ମିତବ୍ୟୟୀତା ଓ ସୁରକ୍ଷିତ ଭବିଷ୍ୟତ ନିମନ୍ତେ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଜିଲ୍ଲା ଆର୍ଥିକ ସେବା ଓ ସଚଂୟ ଅଧିକାରୀ ଶ୍ରୀମତୀ ସୁମନା ପଣ୍ଡା ସ୍ୱାଗତ ଭାଷଣ ଦେଇ ବିଶ୍ୱ ମିତବ୍ୟୟୀତା ଦିବସର ଉଦ୍ଦେଶ୍ୟ ଓ ମହତ୍ତ୍ୱ ସମ୍ପର୍କରେ ସଂକ୍ଷିପ୍ତ ସୂଚନା ଦେଇଥିଲେ। ଉକ୍ତ ଆଲୋଚନାଚକ୍ରରେ ସମ୍ମାନିତ ଅତିଥି ଭାବେ ଇଣ୍ଡିଆନ ପୋଷ୍ଟାଲ ପେମେଂଟ ବ୍ୟାଙ୍କ ଝାରସୁଗୁଡ଼ା ଶାଖାର ବରିଷ୍ଠ ଅଧିକାରୀ ହରିଶ ସଜ୍ଜନାସ୍ତୁ ଯୋଗଦେଇ ଚିଟଫଣ୍ଡର ବିପଦ ଓ ଅପକାରିତା, ସରକାରୀ ବୀମା ଯୋଜନା ଏବଂ ପେନସନ ବ୍ୟବସ୍ଥା ଉପରେ ସବିଶେଷ ଆଲୋଚନା କରିଥିଲେ। ଝାରସୁଗୁଡ଼ା ମୁଖ୍ୟ ଡାକଘରର ପୋଷ୍ଟମାଷ୍ଟର ପ୍ରତାପ ଚନ୍ଦ୍ର ଭୋଇ ଡାକ ବିଭାଗ ଅଧୀନରେ ଥିବା ବିଭିନ୍ନ ସ୍ୱଳ୍ପ ସଚଂୟ ଯୋଜନା ବିଷୟରେ ବୁଝାଇଥିବା ବେଳେ ବ୍ୟବସାୟ କାର୍ଯ୍ୟନିର୍ବାହୀ ଅମରେନ୍ଦ୍ର ପଲେଇ ପୋଷ୍ଟାଲ ବୀମା ଯୋଜନାର ଲାଭ ସମ୍ପର୍କରେ ଅବଗତ କରାଇଥିଲେ। ସେହିପରି ସାଇବର ଥାନାର ପୋଲିସ ଇନ୍ସପେକ୍ଟର ଦେବଦତ ବସ୍ତିଆ ବର୍ତ୍ତମାନ ସମୟରେ ବୃଦ୍ଧି ପାଉଥିବା ସାଇବର ଅପରାଧ, ଅନଲାଇନ୍ ଆର୍ଥିକ ଠକେଇରୁ ରକ୍ଷା ପାଇବାର ଉପାୟ ଉପରେ ସମସ୍ତଙ୍କୁ ସତର୍କ କରାଇଥିଲେ। ଏହି ଶିବିରରେ ଓଏଲଏମର ଡିପିଏମ୍ ଡ. ପୁଷ୍ପଶ୍ରୀ ନାୟକ ମହିଳା ଓ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ପାଇଁ ସଚଂୟର ଆବଶ୍ୟକତା ସମ୍ପର୍କରେ କହିଥିବା ବେଳେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା ଆର୍ଥିକ ସାକ୍ଷରତାର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଆଲୋକପାତ କରିଥିଲେ। ଏଥିସହ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଡେପୁଟି କଲେକ୍ଟର ଅମୃତ ଆଚାର୍ଯ୍ୟ ଓ ସୌମେଶ ଆଚାର୍ଯ୍ୟ ଯୋଗଦାନ କରି କାର୍ଯ୍ୟକ୍ରମର ଉଦ୍ଦେଶ୍ୟକୁ ପ୍ରଶଂସା କରିଥିଲେ। ଝାରସୁଗୁଡ଼ା ବ୍ଲକରେ କାର୍ଯ୍ୟରତ ପ୍ରାଣୀମିତ୍ର, ବ୍ୟାଙ୍କମିତ୍ର, କୃଷିମିତ୍ର, ଏମବିକେ, ସିଆରପି ଏବଂ ଜିଲ୍ଲାର ବହୁସଂଖ୍ୟକ ସ୍ୱଳ୍ପ ସଚଂୟ ଅଭିକର୍ତା ଉପସ୍ଥିତ ରହି ଏହି ସଚେତନତା ଶିବିରରେ ଭାଗ ନେଇଥିଲେ। ପରିଶେଷରେ ଜିଲ୍ଲା ଆର୍ଥିକ ସେବା ଓ ସଚଂୟ ଅଧିକାରୀ ସୁମନା ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ସଚଂୟ ବିଭାଗର କର୍ମଚାରୀ ହେମକାନ୍ତ ବାଗ ଏବଂ ଜଗନ୍ନାଥ ରାଉତ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ।

ଗୋବିନ୍ଦପୁର ‘ଗୋ-ସେବା ଧାମ’ ଗୋଶାଳାରେ ଜିଲ୍ଲାପାଳଙ୍କ ଅଚାନକ ଗସ୍ତ

ଝାରସୁଗୁଡା,୧/୧୧(ନି/ପ୍ର): ଲଖନପୁର ବ୍ଲକ ଗୋବିନ୍ଦପୁର ସ୍ଥିତ ‘ଗୋ-ସେବା ଧାମ’ ଗୋଶାଳା ପରିଦର୍ଶନ କରିଛନ୍ତି ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ। ଏହି ପରିଦର୍ଶନ ସମୟରେ ତହସିଲଦାର ପ୍ରସନ୍ନ କୁମାର ପଟେଲ, ରାଜସ୍ୱ ପରିଦର୍ଶକ ଓ ଗୋବିନ୍ଦପୁର ଆର.ଆଇ. ଉପସ୍ଥିତ ଥିଲେ। ଗୋଶାଳା ପରିଚାଳନା କମିଟି ଟ୍ରଷ୍ଟ ସଦସ୍ୟମାନଙ୍କ ସହ ଆଲୋଚନା ବେଳେ ଜଣାପଡ଼ିଛି ଯେ ୨୦୧୬ ମସିହାରୁ ଚାଲୁଥିବା ଏହି ଗୋଶାଳାରେ ବର୍ତମାନ କନକତୋରାଠାରୁ କୁଡ଼ାଓଇ ମଧ୍ୟରୁ ଉଦ୍ଧାର କରାଯାଇଥିବା ପ୍ରାୟ ୭୦୭ଟି ଗାଈ ରହିଛନ୍ତି। ପୂର୍ବରୁ ସରକାରୀ ସହାୟତା ବାବଦରେ ୩୧ ଲକ୍ଷ ଟଙ୍କା ମିଳିଥିଲେ ସୁଦ୍ଧା ବର୍ତମାନ ଏହା ସାଧାରଣ ଲୋକଙ୍କ ଦାନ ଉପରେ ଚାଲିଛି ଏବଂ ସମ୍ବଳର ଅଭାବ ରହିଛି ବୋଲି ଟ୍ରଷ୍ଟିମାନେ ଜଣାଇଥିଲେ।



ରାଉରକେଲା ଦୁର୍ନୀତି ନିବାରଣ କାର୍ଯ୍ୟାଳୟ ପକ୍ଷରୁ ସଚେତନତା ସପ୍ତାହ ପାଳିତ



ରାଉରକେଲା,୧/୧୧(ନି/ପ୍ର): ଦୁର୍ନୀତି ନିବାରଣ ସପ୍ତାହ ପାଳନ ଅବସରରେ ଆଜି ଜିଲ୍ଲା ପ୍ରଶାସନ ଓ ରାଉରକେଲା ଦୁର୍ନୀତି ନିବାରଣ ବିଭାଗର ମିଳିତ ସହଯୋଗରେ ସ୍ଥାନୀୟ ଆଇଟିଡିଏ ସମ୍ମିଳନୀ କକ୍ଷରେ ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଚଳିତ୍ ବର୍ଷ ଅକ୍ଟୋବର ୨୬ରୁ ନଭେମ୍ବର ୧ ତାରିଖ ପର୍ଯ୍ୟନ୍ତ ସହରରେ ଦୁର୍ନୀତି ନିବାରଣ ସପ୍ତାହ ପାଳନ କରାଯାଉଛି। ଆଜିର ଏହି କାର୍ଯ୍ୟକ୍ରମରେ ପଶ୍ଚିମାଂଚଳ ଆରକ୍ଷୀ ଉପମହାନୀରିକ୍ଷକ ବ୍ରିଜେଶ କୁମାର ରାଏ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ଚଳିତ ବର୍ଷ ଏହି ଦୁର୍ନୀତି ନିବାରଣ ସପ୍ତାହ ପାଳନର ଶୀର୍ଷକ ହେଉଛି ' ସାଧୁତାରୁ ସମୃଦ୍ଧି'। ସମସ୍ତଙ୍କ ମିଳିତ ସହଯୋଗରେ ଦୁର୍ନୀତି ମୁକ୍ତ ସମାଜ ଗଠନ କରାଯାଇପାରିବା ସହିତ ଯୁବ ପିଢିମାନେ ଏଥିପାଇଁ ଆଗେଇ ଆସନ୍ତୁ ବୋଲି ଡିଆଇଜି ଶ୍ରୀ ରାଏ ଆହ୍ୱାନ ଦେଇଥିଲେ। ଦୁର୍ନୀତି ନିବାରଣ ହୋଇପାରିଲେ, ସମାଜର ପ୍ରଗତି ତଥା ଦେଶର ପ୍ରଗତି ସୁନିଶ୍ଚିତ ହୋଇପାରିବ ବୋଲି ଶ୍ରୀ ରାଏ କହିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ସୁନ୍ଦରଗଡ ଜିଲ୍ଲାପାଳ ଡାକ୍ତର ଶୁଭଙ୍କର ମହାପାତ୍ର ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ଦୁର୍ନୀତି ମୁକ୍ତ ସମାଜ କେବଳ ଆଇନ ଦ୍ୱାରା ନୁହେଁ ବରଂ ପ୍ରତ୍ୟେକ ବ୍ୟକ୍ତିର ସଚ୍ଚୋଟତା ଓ ନୈତିକ ଆଚରଣ ଦ୍ୱାରା ଗଠିତ ହୋଇଥାଏ । ମୁଖ୍ୟ ବକ୍ତା ଭାବରେ ଯୋଗଦାନ କରି ଇସ୍ପାତ ମହାବିଦ୍ୟାଳୟର ଅଧ୍ୟାପକ ଆଲୋକ କୁମାର ନାୟକ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ପ୍ରତ୍ୟେକ ବ୍ୟକ୍ତି ଦୁର୍ନୀତି ଠାରୁ ନିବୃତ ରହିବା ସହିତ ସାଧୁତାର ସହ ସମସ୍ତେ ନିଜ କାର୍ଯ୍ୟ ସମ୍ପାଦନ କରିବା ଆବଶ୍ୟକ। ସମସ୍ତଙ୍କୁ ନିଜ ମାନସିକତାରେ ପରିବର୍ତ୍ତନ କରିବାକୁ ସେ ଆହ୍ୱାନ ଦେଇଥିଲେ। ରାଉରକେଲା ଦୁର୍ନୀତି ନିବାରଣ ବିଭାଗ ଆରକ୍ଷୀ ଅଧିକ୍ଷକ ହରେକୃଷ୍ଣ ମାଝୀ ତାଙ୍କ ଅଭିଭାଷଣ ମାଧ୍ୟମରେ ରାଉରକେଲା ଭିଜିଲାନ୍ସ ଡିଭିଜନରେ ବିଗତ ୨ ବର୍ଷର କାର୍ଯ୍ୟ ଦକ୍ଷତାର ବିବରଣୀ ପ୍ରଦାନ କରିଥିଲେ। ସେ କହିଥିଲେ ଯେ, ଗତ ୧୨.୬.୨୦୨୪ରୁ ୨୬.୧୦.୨୦୨୬ ମଧ୍ୟରେ ଦୁର୍ନୀତି ନିବାରଣ ବିଭାଗ ଦ୍ୱାରା ୩୬ ଅପରାଧିକ ମାମଲା ରୁଜୁ ହେବା ସହିତ ୩୫ ଜଣ ସରକାରୀ ଅଧିକାରୀଙ୍କୁ ଗିରଫ କରାଯାଇଛି । ସେଥିରୁ ୫ଜଣ ପ୍ରଥମ ଶ୍ରେଣୀ ଅଧିକାରୀ ଓ ୬ଜଣ ଦ୍ୱିତୀୟ ଶ୍ରେଣୀ ଅଧିକାରୀ ଅଛନ୍ତି । ଆୟ ବହିର୍ଭୂତ ସମ୍ପତି ଠୁଳ ଅଭିଯୋଗରେ ୮ଟି ମାମଲା ରୁଜୁ କରାଯାଇଛି । ଯେଉଁଥିରେ ନଗଦ ୪୬ଲକ୍ଷ ଟଙ୍କା ଜବତ୍ କରାଯାଇଛି। ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ବିରୁଦ୍ଧରେ କୋର୍ଟରେ ୧୨୭ଟି ଅଭିଯୋଗପତ୍ର ଦାଖଲ ହୋଇଛି। ସୁନ୍ଦରଗଡ ସ୍ୱତନ୍ତ୍ର ଭିଜିଲାନ୍ସ ଜଜଙ୍କ ଅଦାଲତରେ ୬୨ଟି ମାମଲାର ନିଷ୍ପତି ହୋଇଛି। ଏହି ସମୟସୀମା ମଧ୍ୟରେ ୩୨ଟି ମାମଲାର ଦଣ୍ଡବିଧାନ ହୋଇଛି ଏବଂ ୪୧ ଜଣ ବ୍ୟକ୍ତି ଦୋଷୀ ସାବ୍ୟସ୍ତ ହୋଇଛନ୍ତି । ଦୋଷୀ ସାବ୍ୟସ୍ତ ପରେ ୬ ଜଣ ସରକାରୀ କର୍ମଚାରୀଙ୍କୁ ଚାକିରିରୁ ବରଖାସ୍ତ କରାଯିବା ସହିତ ୧୫ ଜଣଙ୍କ ପେନସନ୍ ମଧ୍ୟ ବନ୍ଦ କରାଯାଇଛି। ଦୁର୍ନୀତି ନିବାରଣ ସପ୍ତାହ ପାଳନ ଅବସରରେ କଲେଜ ଛାତ୍ରଛାତ୍ରୀମାନଙ୍କ ପାଇଁ ବିତର୍କ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ସେଥିରେ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହା ପୂର୍ବରୁ ଆଜି ସକାଳେ ରାଉରକେଲା ମହାନଗର ନିଗମ କାର୍ଯ୍ୟାଳୟଠାରୁ ଆଇଟିଡିଏ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ସଚେତନତା ରାଲି ଅନୁଷ୍ଠିତ ହୋଇଥିଲା।ଏଥିରେ ପାନପୋଷ କ୍ରୀଡା ଛାତ୍ରାବାସର ଛାତ୍ରଛାତ୍ରୀ, ଦୁର୍ନିତି ନିବାରଣ ବିଭାଗର ଅଧିକାରୀ, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ଦୀନାଃ ଦସ୍ତଗୀର, ରାଉରକେଲା ଆରକ୍ଷୀ ଅଧିକ୍ଷକ ନୀତେଶ ୱାଧ୍ୱାନୀ, ରାଉରକେଲା ଡିଏଫଓ ରବିକାନ୍ତ ମୀନାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ରାଷ୍ଟ୍ରିୟ ଏକତା ଦିବସ ଓ ଦୁର୍ନୀତି ନିବାରଣ ସପ୍ତାହ ଉପଲକ୍ଷେ ଶପଥ ପାଠ କରାଇଥିଲେ। ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଦୁର୍ନୀତି ନିବାରଣ ବିଭାଗ ସୋମନାଥ ଜେନା କାର୍ଯ୍ୟକ୍ରମରେ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ରାଉରକେଲା ସୀମା ଫାତିମା ଏକ୍କା ମଂଚ ପରିଚାଳନା କରଥିଲେ।

ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏବଂ ଆରଏମସି ପକ୍ଷରୁ ଏକକ-ବ୍ୟବହାର ପ୍ଲାଷ୍ଟିକ ବିରୋଧରେ ମିଳିତ ଅଭିଯାନ



ରାଉରକେଲା,୧/୧୧(ନି/ପ୍ର): ଏକକ-ବ୍ୟବହାର ପ୍ଲାଷ୍ଟିକ୍ ବିରୋଧରେ ରାଉରକେଲା ମହାନଗର ନିଗମ ଏବଂ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ମିଳିତ ସହଯୋଗରେ ଏକ ଅଭିଯାନ ଆରମ୍ଭ କରାଯାଇଛି। ଏହି ଅଭିଯାନରେ ଆଜି କୋଏଲ ନଗର ଏନ୍‌ଏସି ମାର୍କେଟ ଏବଂ ଫୁଡ୍ କୋର୍ଟର ଦୋକାନଗୁଡ଼ିକରୁ ନିଷିଦ୍ଧ ପ୍ଲାଷ୍ଟିକ୍ ଜବତ୍ କରାଯାଇଥିଲା। ଏଥିସହିତ ଉଲ୍ଲଂଘନକାରୀଙ୍କ ନିକଟରୁ ଜରିମାନା ଆଦାୟ କରାଯାଇଥିଲା। ପ୍ଲାଷ୍ଟିକ୍ ପ୍ରଦୂଷଣକୁ ରୋକିବା ଏବଂ ଏକ ସ୍ୱଚ୍ଛ ପରିବେଶକୁ ପ୍ରୋତ୍ସାହିତ କରିବା ପାଇଁ ଏହି ଅଭିଯାନରେ ରାଉରକେଲା ମ୍ୟୁନିସିପାଲ କର୍ପୋରେସନ (ଜଗଉ) ଏନଫୋର୍ସମେଂଟ ଟିମ୍, ରାଜ୍ୟ ଆଂଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ରାଉରକେଲା ସହିତ ସମନ୍ୱୟ ରଖି, କୋଏଲନଗର ଫୁଡ୍ କୋର୍ଟ ଏବଂ ଏନଏସି ମାର୍କେଟରେ ଏକ ମିଳିତ ଯାଚଂ ଏବଂ ଏନଫୋର୍ସମେଟଂ ଅଭିଯାନ ଚଳାଯାଉଥିଲା। ଏହି ଅଭିଯାନ ସମୟରେ, ଅଧିକାରୀମାନେ କୋଏଲନଗର ଅଚଂଳର ଦୋକାନଗୁଡ଼ିକରେ ଚଢାଉ କରିଥିଲେ ଏବଂ ଦୋକାନୀଙ୍କ ପାଖରେ ମିଳୁଥିବା ଏକକ-ବ୍ୟବହାର ପ୍ଲାଷ୍ଟିକ୍ ସାମଗ୍ରୀ ଜବତ କରିଥିଲେ। ନିଷିଦ୍ଧ ପ୍ଲାଷ୍ଟିକ୍ ଉତ୍ପାଦ ବ୍ୟବହାର ଓ ନିୟନ୍ତ୍ରଣ ନିୟମାବଳୀ ଉଲ୍ଲଂଘନ କରୁଥିବା ଲୋକଙ୍କଠାରୁ ମଧ୍ୟ ଜରିମାନା ଆଦାୟ କରାଯାଇଥିଲା। ସମସ୍ତ ଏନଫୋର୍ସମେଟଂ ପଦକ୍ଷେପର ଲକ୍ଷ୍ୟ ହେଉଛି ଏକକ-ବ୍ୟବହାର ପ୍ଲାଷ୍ଟିକ୍ ବ୍ୟବହାରକୁ ନିରୁତ୍ସାହିତ କରିବା ଏବଂ ସହରର ଥିବା ପରିବେଶ ନିୟମାବଳୀର ଅନୁପାଳନକୁ ସୁଦୃଢ଼ କରିବା। ରାଉରକେଲାକୁ ପ୍ଲାଷ୍ଟିକ୍ ମୁକ୍ତ ସହର କରିବା ପାଇଁ ଏକ ପ୍ରୟାସର ଅଂଶ ସ୍ୱରୂପ ଆଗାମୀ ଦିନରେ ଏହି ଅଭିଯାନକୁ ଆହୁରି ତୀବ୍ର କରାଯିବା ସହିତ ଅନ୍ୟାନ୍ୟ ଅଚଂଳକୁ ବିସ୍ତାର କରାଯିବ ବୋଲି ରାଉରକେଲା ମହାନଗର ନିଗମ ପକ୍ଷରୁ କୁହାଯାଇଛି। ପରିବେଶ ସୁରକ୍ଷା ପାଇଁ ଏକକ ବ୍ୟବହାର ପ୍ଲାଷ୍ଟିକ୍ ଉତ୍ପାଦକୁ ଏଡ଼ାଇବା ଏବଂ ପରିବେଶର ଅନୁକୂଳ ବିକଳ୍ପ ଗ୍ରହଣ କରିବାକୁ ନାଗରିକ ସଂଗଠନ ଦୋକାନୀ ଏବଂ ନାଗରିକଙ୍କୁ ମଧ୍ୟ ରାଉରକେଲା ମହାନଗର ନିଗମ (ଜଗଉ) ପକ୍ଷରୁ ଅନୁରୋଧ କରାଯାଇଛି।

ସହାୟକ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଚିତରଞ୍ଜନ ବେହୁରା ଲାଂଚ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ଜେଲ୍ ଗଲେ

ରାଉରକେଲା,୧/୧୧(ନି/ପ୍ର):ଏକ ଗୁରୁତ୍ୱପୂର୍ଣ୍ଣ ଦୁର୍ନୀତି ବିରୋଧୀ ଘଟଣାକ୍ରମରେ ଟିପିଡବ୍ଲ୍ୟୁଓଡିଏଲ୍ ରାଉରକେଲା ସର୍କଲର ସହାୟକ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଚିନ୍ନରଞ୍ଜନ ବେହୁରା ଏକ ଲାଂଚ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ଆଜି ଜେଲ ଯାଇଛନ୍ତି। ସୂଚନା ଅନୁସାରେ ଆଜି ଅର୍ଥାତ୍ ୨୦୨୬ ଅକ୍ଟୋବର ୩୧ ତାରିଖରେ ଟିପିଡବ୍ଲୁଓଡିଏଲ୍ ରାଉରକେଲା ସର୍କଲର ସହାୟକ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ତଥା ସୁବର୍ଣ୍ଣପୁର ବିନିକା ବିଦ୍ୟୁତ ବିଭାଗର ଜୁନିୟର ଇଞ୍ଜିନିୟର (ଔର) ଚିନ୍ନରଞ୍ଜନ ବେହୁରା ଓଡ଼ିଶା ଭିଜିଲାନ୍ସ ଦ୍ୱାରା 'ଜଳାନିଧି ଯୋଜନା' ଅନ୍ତର୍ଗତ ଜଣେ ହିତାଧିକାରୀଙ୍କ ଠାରୁ ତାଙ୍କ ଚାଷ ଜମିରେ ସ୍ଥାପିତ ମୋଟର ପମ୍ପକୁ ବିଦ୍ୟୁତ ଯୋଗାଣ ଏବଂ ନିୟମିତ ବିଦ୍ୟୁତ ବିଲ୍ ଯୋଗାଇବା ପାଇଁ ୮,୦୦୦ (ଆଠ ହଜାର)ଟଙ୍କା ଲାଂଚ ନେଉଥିବା ସମୟରେ ଓଡିଶା ଭିଜିଲାନ୍ସ ଦ୍ୱାରା ଧରାପଡିଥିଲେ। ଭିଜିଲାନ୍ସ ପକ୍ଷରୁ ତାଙ୍କ ବିରୁଦ୍ଧରେ ଲାଂଚ ଦାବି କରିବା ଏବଂ ନେବା ପାଇଁ ଧାରା ୧୩(୨) ଦ୍ୱ/ଙ୍ଗ ୧୩(୧)(ଡି)/୭ ପିସି ଆଇନ ବଳରେ ୧୯୮୮ରେ ଚାର୍ଜସିଟ୍ କରାଯାଇଥିଲା। ବଲାଙ୍ଗୀର ଭିଜିଲାନ୍ସ କୋର୍ଟର ସ୍ୱତନ୍ତ୍ର ବିଚାରପତିଙ୍କ ଦ୍ୱାରା ଶ୍ରୀ ବେହୁରା ଦୋଷୀ ସାବ୍ୟସ୍ତ ହୋଇ ୪ ବର୍ଷ ସଶ୍ରମ କାରାଦଣ୍ଡ ଏବଂ ଜରିମାନା ଦଣ୍ଡରେ ଦଣ୍ଡିତ ହୋଇଛନ୍ତି। ଏହା ବ୍ୟତୀତ, ଦୋଷୀ ସାବ୍ୟସ୍ତ ହୋଇଥିବା ସୁବର୍ଣ୍ଣପୁର ବିନିକା ବିଦ୍ୟୁତ ବିଭାଗର ପୂର୍ବତନ ଜେଇ ତଥା ଟିପିଡବ୍ଲୁଓଡିଏଲ୍ ରାଉରକେଲା ସର୍କଲ କାର୍ଯ୍ୟାଳୟର ସହାୟକ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଚିନ୍ନରଞ୍ଜନ ବେହୁରାଙ୍କୁ ତାଙ୍କ ସଜା ପୂରଣ କରିବା ପାଇଁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଓଡିଶା ଭିଜିଲାନ୍ସ ପକ୍ଷରୁ ଟିପିଡବ୍ଲ୍ୟୁଓଡିଏଲ୍ ରାଉରକେଲା ସର୍କଲର ସହାୟକ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଚିନ୍ନରଞ୍ଜନ ବେହୁରାଙ୍କୁ ଦୋଷୀ ସାବ୍ୟସ୍ତ ହେବା ପରେ ତାଙ୍କୁ ଚାକିରିରୁ ବହିଷ୍କାର କରିବା ପାଇଁ ସକ୍ଷମ ପ୍ରାଧିକରଣଙ୍କ ନିକଟରେ ଆବେଦନ କରିବ ବୋଲି ସୂଚନା ଦିଆଯାଇଛି ।

ଗାଙ୍ଗପୁର ମଜଦୁର ମଚଂ ଆସନ୍ତା ଆରଏସପି ୟୁନିୟନ ନିର୍ବାଚନରେ ସ୍ୱତନ୍ତ୍ର ଭାବେ ନିର୍ବାଚନ ଲଢିବ: ଗୋପାଳ ଦାସ

ରାଉରକେଲା,୧/୧୧(ନି/ପ୍ର): ଆଜି ଗାଙ୍ଗପୁର ମଜଦୂର ମଚଂ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ରାଉରକେଲା ସେକ୍ଟର-୮ ଗାଙ୍ଗପୁର ମଜଦୁର ମଚଂର କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ମଚଂର ସାଧାରଣ ସମ୍ପାଦକ ଗୋପାଳ ଦାସ ତାଙ୍କ ବକ୍ତବ୍ୟ ମାଧ୍ୟମରେ କହିଥିଲେ ଯେ, ଆସନ୍ତା ୟୁନିୟନ ନିର୍ବାଚନରେ ଗାଙ୍ଗପୁର ମଜଦୁର ମଚଂ କାହାରି ସହିତ ସନ୍ଧି ନକରି ସ୍ୱତନ୍ତ୍ର ଭାବରେ ନିର୍ବାଚନ ଲଢିବ। ମଚଂର ସାଧାରଣ ସମ୍ପାଦକ ଗୋପାଳ ଦାସ ଏଥିସହିତ କହିଥିଲେ ଯେ, ୟୁନିଅନର ସ୍ଥାପନା ଆଦିବାସୀ ମୂଳନୀବାସୀ ଏବଂ ବିସ୍ଥାପିତ ଶ୍ରମିକମାନଙ୍କୁ ନେଇ ସ୍ୱର୍ଗତ ଜର୍ଜ ତିର୍କୀଙ୍କ ତତ୍ତ୍ୱାବଧାନରେ ଗଠନ କରାଯାଇଛି । ସ୍ୱର୍ଗତଃ ଜର୍ଜ ତିର୍କୀ ଥିଲେ ଗାଙ୍ଗପୁର ମଜଦୁର ୟୁନିଅନର ପଥ ପ୍ରଦର୍ଶକ ଏବଂ ଦିଗ ଦର୍ଶକ । ଗାଙ୍ଗପୁର ମଜଦୂର ମଚଂର ଗଠନ ହେବା ପରଠାରୁ ଏହି ୟୁନିଅନ ସ୍ୱତନ୍ତ୍ର ଭାବରେ ଶ୍ରମିକମାନଙ୍କ ହିତରେ କାମ କରିଆସୁଅଛି। ଗାଙ୍ଗପୁର ମଜଦୂର ମଚଂ ପ୍ରଥମ ଦୁଇଥର ରାଉରକେଲା ଇସ୍ପାତ କାରଖାନାର ସ୍ୱିକୃତି ପ୍ରାପ୍ତ ୟୁନିଅନ ନିର୍ବାଚନରେ ଭାଗ ନେଇ ୨୦ ପ୍ରତିଶତରୁ ଉର୍ଦ୍ଧ୍ୱ ଭୋଟ ହାସଲ କରିପାରିଥିଲା। ରାଉରକେଲା ଇସ୍ପାତ କାରଖାନାର ଶ୍ରମିକମାନେ ଗାଙ୍ଗପୁର ମଜଦୂର ମଚଂ ଉପରେ ଭରସା କରୁଥିଲେ ଏବଂ କରୁଛନ୍ତି ମଧ୍ୟ ବୋଲି ଶ୍ରୀ ଦାସ କହିଥିଲେ। ପ୍ରଥମ ଦୁଇ ନିର୍ବାଚନରେ ଜଓକକଝ(ଇଗଝ) ଜିତିଥିଲା ଏବଂ ସ୍ୱିକୃତି ପ୍ରାପ୍ତ ୟୁନିଅନ ହିସାବରେ କାର୍ଯ୍ୟ କରିଥିଲା । କିନ୍ତୁ ପରବର୍ତୀ ସମୟରେ ଜଓକକଝ(ଇଗଝ)ର ଶ୍ରମିକ ବିରୋଧୀ ନୀତିମାନଙ୍କ ପାଇଁ ଅତିଷ୍ଠ ହୋଇ ଏବଂ ଶ୍ରମିକ ହିତକୁ ଆଖି ଆଗରେ ରଖି ଗତ ଦୁଇଟି ସ୍ୱିକୃତି ପ୍ରାପ୍ତ ୟୁନିଅନ ନିର୍ବାଚନରେ ଗାଙ୍ଗପୁର ମଜଦୂର ମଚଂ, ରାଉରକେଲା ଶ୍ରମିକ ସଂଘ ସହିତ ଏକ ସନ୍ଧି(ବକ୍ଷକ୍ଷସବଭମର) କରିଥିଲା ଏବଂ ନିର୍ବାଚନ ଲଢିଥିଲା । ଯାହାର ଫଳ ସ୍ୱରୂପ ଗତ ଦୁଇଟି ନିର୍ବାଚନରେ ଗାଙ୍ଗପୁର ମଜଦୂର ମଚଂ ଏବଂ ରାଉରକେଲା ଶ୍ରମିକ ସଂଘ ସନ୍ଧି (ଇକ୍ଷକ୍ଷସବଭମର) ୟୁନିଅନ ନିର୍ବାଚନରେ ବିଜୟ ଲାଭ କରିଥିଲା । ଏହି ସନ୍ଧି ଅନୁସାରେ ଦୁଇ ୟୁନିଅନ ଭିତରେ ଗୋଟିଏ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା ଯେଉଁଥିରେ ରାଉରକେଲା ଶ୍ରମିକ ସଂଘର ୬୦ ପ୍ରତିଶତ ଏବଂ ଗାଙ୍ଗପୁର ମଜଦୂର ମଚଂର ୪୦ ପ୍ରତିଶତ ସଭ୍ୟ ରାଉରକେଲା ଇସ୍ପାତ କାରଖାନାର ସମସ୍ତ ଯୁଗ୍ମ କମିଟିରେ ଭାଗିଦାରୀ ରହିବେ ଏବଂ ଶ୍ରମିକ ହିତରେ କାର୍ଯ୍ୟ କରିବେ ବୋଲି ଚୁକ୍ତି ରହିଥିଲା। ସେହି ସମୟ ମଧ୍ୟରେ ଏଗଗ ଏବଂ ଜଝଝ ୟୁନିଅନ ମିଶି ଶ୍ରମିକମାନଙ୍କ ହିତରେ ବହୁତ କାର୍ଯ୍ୟ ମଧ୍ୟ କରିଛନ୍ତି । ଏହାକୁ ସହ୍ୟ କରି ନପାରି ଜଓକକଝ (ଇଗଝ) ପ୍ରଥମେ କୋର୍ଟକୁ ଯାଇଥିଲା ଏବଂ ପରବର୍ତୀ ସମୟରେ କୋର୍ଟରେ କେସକୁ ପ୍ରତ୍ୟାହାର କରି ନେଇଥିଲା । ଏବେ କେନ୍ଦ୍ର ସରକାର ୨୯ଟି ଲେବର କୋଡ଼କୁ ପ୍ରତ୍ୟାହାର କରି ୪ଟି ଲେବର କୋଡ଼ରେ ଶିମିତ ରଖିଛନ୍ତି।

ରାଉରକେଲାରେ ବିରଳ ଏବି ନେଗେଟିଭ୍ ରକ୍ତ ଯୋଗାଡ଼ କରି ମାନବିକତାର ଉଦାହରଣ ସୃଷ୍ଟି କଲେ ରୋହିତ ଗର୍ଗ ଓ ଅମୃତ ଅଗ୍ରୱାଲ



ରାଉରକେଲା,୧/୧୧(ନି/ପ୍ର): ମାନବ ସେବା ଓ ସାମାଜିକ ଦାୟିତ୍ୱବୋଧର ଏକ ଉତ୍କୃଷ୍ଟ ଉଦାହରଣ ସୃଷ୍ଟି କରି ରୋହିତ ଗର୍ଗ ଏବଂ ଅମୃତ ଅଗ୍ରୱାଲ ଜଣେ ଜରୁରୀ ରୋଗୀଙ୍କ ପାଇଁ ବିରଳ ଏବି ନେଗେଟିଭ୍ ରକ୍ତର ବ୍ୟବସ୍ଥା କରିବାରେ ସଫଳ ହୋଇଛନ୍ତି। ସୂଚନା ଅନୁଯାୟୀ, ଗତକାଲି ରୋହିତ ଗର୍ଗଙ୍କୁ ଜଣେ ରୋଗୀଙ୍କ ପାଇଁ ଏବି ନେଗେଟିଭ୍ ରକ୍ତର ଜରୁରୀ ଆବଶ୍ୟକତା ନେଇ ଫୋନ୍ ଆସିଥିଲା। ଏହି ରକ୍ତ ଗ୍ରୁପ୍ ଅତ୍ୟନ୍ତ ବିରଳ ହୋଇଥିବାରୁ ରକ୍ତଦାତା ଖୋଜିବା ଏକ ବଡ଼ ଚ୍ୟାଲେଞ୍ଜ ଥିଲା। ତଥାପି ନିରନ୍ତର ପ୍ରୟାସ, ଯୋଗାଯୋଗ ଓ ସହଯୋଗ ମାଧ୍ୟମରେ ଆଜି ରକ୍ତଦାତାଙ୍କ ବ୍ୟବସ୍ଥା କରାଯାଇ ରକ୍ତଦାନ ସମ୍ପନ୍ନ ହୋଇଛି। ଏହି ମହତ୍ କାର୍ଯ୍ୟରେ ବାମରା ନିବାସୀ ଜେ. ହାସନଙ୍କ ଅବଦାନ ଅତ୍ୟନ୍ତ ପ୍ରଶଂସନୀୟ। ସେ ଆଜି ସକାଳେ ବସ୍ ଯୋଗେ ବାମରାରୁ ରାଉରକେଲା ଆସି ଜଣେ ଆବଶ୍ୟକତାପୂର୍ଣ୍ଣ ରୋଗୀଙ୍କ ପାଇଁ ରକ୍ତଦାନ କରିଥିଲେ। ତାଙ୍କର ଏହି ନିଃସ୍ୱାର୍ଥପର ସେବା ମନୋଭାବ ମାନବିକତାର ଏକ ଉଜ୍ଜ୍ୱଳ ଉଦାହରଣ। ଏହି ଅବସରରେ ରୋହିତ ଗର୍ଗ ଓ ଅମୃତ ଅଗ୍ରୱାଲ ରକ୍ତଦାତା ଜେ. ହାସନ ଏବଂ ଏହି ମହତ୍ କାର୍ଯ୍ୟରେ ସହଯୋଗ କରିଥିବା ସମସ୍ତଙ୍କୁ ହୃଦୟରୁ ଧନ୍ୟବାଦ ଜଣାଇଛନ୍ତି। ସେମାନେ ରାଉରକେଲାର ସମସ୍ତ ନାଗରିକଙ୍କୁ ସ୍ୱେଚ୍ଛାକୃତ ରକ୍ତଦାନ ପାଇଁ ଆଗେଇ ଆସିବା ସହ ଆବଶ୍ୟକ ସମୟରେ ଅନ୍ୟମାନଙ୍କୁ ସାହାଯ୍ୟ କରିବାକୁ ନିବେଦନ କରିଛନ୍ତି।

ରାଇକିଆରେ ଚୁଆରେ ବୁଡ଼ି ଛାତ୍ରଙ୍କ ମୃତ୍ୟୁ

କନ୍ଧମାଳ,୧/୧୧(ନି/ପ୍ର): କନ୍ଧମାଳ ଜିଲ୍ଲା ରାଇକିଆ ଅଂଚଳରେ ଏକ ଅଭାବନୀୟ ଘଟଣା ଘଟିଛି। ରାଇକିଆର ଅଲିମାହା ନିକଟସ୍ଥ ଏକ ଚୁଆରେ ବୁଡ଼ି ଜଣେ ଛାତ୍ରଙ୍କ ଦୁଃଖଦ ମୃତ୍ୟୁ ଘଟିଛି। ମୃତ ଛାତ୍ର ଜଣକ ହେଲେ ଦାରିଙ୍ଗବାଡ଼ି ବ୍ଲକ ପେଟୁମାହା ଗ୍ରାମର ପିରିଙ୍ଗା ପ୍ରଧାନଙ୍କ ପୁଅ କିଲିୟାନ ପ୍ରଧାନ। ସୂଚନା ଅନୁଯାୟୀ, ରାଇକିଆ ବ୍ଲକ ଅନ୍ତର୍ଗତ ଅଲିମାହା ନିକଟସ୍ଥ ଏକ ଚୁଆରେ ଏହି ଅଘଟଣ ଘଟିଥିଲା। ଛାତ୍ର ଜଣକ କୌଣସି କାରଣରୁ ଚୁଆରେ ବୁଡ଼ି ଯାଇଥିବା ଖବର ପାଇ ଆଜି ସକାଳେ ରାଇକିଆ ପୋଲିସ ଓ ସ୍ଥାନୀୟ ଅଗ୍ନିଶମ ବିଭାଗର ଟିମ୍ ତୁରନ୍ତ ଘଟଣାସ୍ଥଳରେ ପହଂଚିଥିଲେ।

ଆରଏସପିରେ ସତର୍କତା ସଚେତନତା ସପ୍ତାହ ୨୦୨୬ ପାଳନ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ



ରାଉରକେଲା,୧/୧୧(ନି/ପ୍ର): ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆର ଏସ ପି)ର ସତର୍କତା ବିଭାଗ ପକ୍ଷରୁ ଚାଲୁଥିବା ସତର୍କତା ସଚେତନତା ସପ୍ତାହ ୨୦୨୬ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ମାନ ଆୟୋଜନ କରାଯାଉଛି। ବିଭାଗ ପକ୍ଷରୁ ଅକ୍ଟୋବର ୨୭ ଓ ୨୮ ତାରିଖରେ ବିଭିନ୍ନ ବିଦ୍ୟାଳୟରେ ବିବିଧ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଅକ୍ଟୋବର ୨୭ ରେ ସେକ୍ଟର-୧୪ ସ୍ଥିତ ଦିଲ୍ଲୀ ପବ୍ଲିକ୍ ସ୍କୁଲ୍‌ରେ ଚିତ୍ରାଙ୍କନ ଓ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ତୃତୀୟରୁ ଦଶମ ଶ୍ରେଣୀର ୨୩୦ ଜଣ ଛାତ୍ରଛାତ୍ରୀ ଚିତ୍ରାଙ୍କନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଶ୍ରୀମତୀ ସ୍ମିତା ଆର ଆଥ୍ରେୟା କୁଇଜ୍ ମାଷ୍ଟର ଭାବେ ସମଗ୍ର କାର୍ଯ୍ୟକ୍ରମର ସଂଚାଳନ କରିଥିଲେ। ସେହିପରି ସେକ୍ଟର-୨୦ସ୍ଥିତ ଏସ ଏସ ଆର ଭି ଏମ ଇସ୍ପାତ ଇଂରାଜୀ ମଧ୍ୟମ ବିଦ୍ୟାଳୟ ରେ ଚିତ୍ରାଙ୍କନ/ଚିତ୍ରକଳା ଓ ପ୍ରବନ୍ଧ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ତୃତୀୟରୁ ଦଶମ ଶ୍ରେଣୀର ୧୦୦ରୁ ଅଧିକ ଛାତ୍ରଛାତ୍ରୀ ଉଭୟ ପ୍ରତିଯୋଗିତାରେ ଉତ୍ସାହ ର ସହ ଭାଗ ନେଇଥିଲେ। ପ୍ରବନ୍ଧର ବିଷୟବସ୍ତୁ ଥିଲା 'ସମୃଦ୍ଧି ପାଇଁ ସତ୍ୟନିଷ୍ଠା'। ଉକ୍ତ ବିଦ୍ୟାଳୟ ର ଶିକ୍ଷୟିତ୍ରୀ ଶ୍ରୀମତୀ ମଞ୍ଜୁଲତା ମୋହିନୀ ପ୍ରତିଯୋଗିତାଗୁଡ଼ିକର ସଂଯୋଜନା କରିଥିଲେ। ଅକ୍ଟୋବର ୨୮ ରେ ଡଃ ଏ. ଏନ୍. ଖୋସଲା, ଡି ଏ ଭି ପବ୍ଲିକ୍ ସ୍କୁଲ୍, ରାଉରକେଲାରେ କଳା ଓ ଚିତ୍ରାଙ୍କନ, ବକ୍ତୃତା ଏବଂ ପ୍ରବନ୍ଧ ପ୍ରତିଯୋଗିତା ମାନ ଆୟୋଜିତ ହୋଇଥିଲା। ତୃତୀୟରୁ ଦଶମ ଶ୍ରେଣୀର ମୋଟ ୨୩୦ ଜଣ ଛାତ୍ରଛାତ୍ରୀ କଳା ଓ ଚିତ୍ରାଙ୍କନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଉକ୍ତ ବିଦ୍ୟାଳୟ ର ଶିକ୍ଷକ ଶ୍ରୀ ଏସ୍. କେ. ପଟେଲ ଓ ବିଦ୍ୟାଳୟ ସୁପରଭାଇଜର, ପ୍ରତିଯୋଗିତାଗୁଡ଼ିକର ସଂଯୋଜନା କରିଥିଲେ। ଅନୁରୂପ ଭାବେ ଏସ ଏସ ଆର ଭି ଏମ ଇସ୍ପାତ ଇଂରାଜୀ ମଧ୍ୟମ ବିଦ୍ୟାଳୟ ରେ କୁଇଜ୍ ଓ ବକ୍ତୃତା ପ୍ରତିଯୋଗିତା ଏବଂ ରାଉରକେଲା ଡି ପି ଏସ ରେ ବକ୍ତୃତା ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଅକ୍ଟୋବର ୨୯ ରେ ରାଉରକେଲା ଡି ଏ ଭି ରେ ଏକ କୁଇଜ୍ ପ୍ରତିଯୋଗିତା ଏବଂ ରାଉରକେଲା ଡି ପି ଏସ ରେ ଏକ ପ୍ରବନ୍ଧ ପ୍ରତିଯୋଗିତା ମଧ୍ୟ ଆୟୋଜିତ ହୋଇଥିଲା। ସତର୍କତା ବିଭାଗ ପକ୍ଷରୁ ଅକ୍ଟୋବର, ୨୯ ତାରିଖରେ ଜ୍ଞାନାର୍ଜନ ଏବଂ ବିକାଶ ବିଭାଗ ଠାରେ "ଟେଣ୍ଡର ପ୍ରକ୍ରିୟାକରଣ, କ୍ରୟ ଏବଂ ଚୁକ୍ତି ପରିଚାଳନା" ଶୀର୍ଷକ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମଧ୍ୟ ଏ ଅବସର ରେ ଆୟୋଜିତ ହୋଇଥିଲା। ଏଥିରେ ମୋଟ ୭୨ ଜଣ ଅଧିକାରୀ ଓ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ମହା ପ୍ରବନ୍ଧକ ସାମଗ୍ରୀ ପ୍ରବନ୍ଧନ ଶ୍ରୀ ସି. ଭି. ଅପ୍ପାରାଓ ଏହି ଆଲୋଚନାମୂଳକ ଅଧିବେଶନର ସଂଚାଳନ କରି ଟେଣ୍ଡର ପ୍ରକ୍ରିୟାକରଣ, କ୍ରୟ ପ୍ରକ୍ରିୟା ଏବଂ ପ୍ରଭାବଶାଳୀ ଚୁକ୍ତି ପରିଚାଳନାର ମୁଖ୍ୟ ଦିଗଗୁଡ଼ିକ ବୁଝାଇଥିଲେ। ଉଲ୍ଲେଖନୀୟ ଯେ, ଚଳିତ ବର୍ଷର ସତର୍କତା ସଚେତନତା ସପ୍ତାହର ବିଷୟବସ୍ତୁ ହେଉଛି "ସମୃଦ୍ଧି ପାଇଁ ସତ୍ୟନିଷ୍ଠା"।

ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ଆରଏସପି ପକ୍ଷରୁ ଶପଥ ଗ୍ରହଣ ସମାରୋହ ଓ 'ଏକତା ଦୌଡ଼' ଆୟୋଜିତ



ରାଉରକେଲା,୧/୧୧(ନି/ପ୍ର): ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆର ଏସ ପି) ଅକ୍ଟୋବର, ୩୧ ତାରିଖରେ ରାଷ୍ଟ୍ରୀୟ ଏକତା ଦିବସ ପାଳନ ଅବସରରେ ଦେଶର ଅନ୍ୟାନ୍ୟ ଅଂଶ ସହ ସାମିଲ ହୋଇଥିଲା। ଉଲ୍ଲେଖନୀୟ ଯେ, ଭାରତର ଲୌହମାନବ ଭାବେ ପରିଚିତ ଭାରତ ରତ୍ନ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମଜୟନ୍ତୀ ଅବସରରେ ରାଷ୍ଟ୍ରୀୟ ଏକତା ଦିବସ ପାଳନ କରାଯାଏ। ବିଭିନ୍ନ ୟୁନିଟ୍‌ରେ ଶପଥ ଗ୍ରହଣ ସମାରୋହ ଆୟୋଜିତ ହୋଇଥିଲା, ଯେଉଁଥିରେ ବରିଷ୍ଠ ଅଧିକାରୀଙ୍କ ସମେତ କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଆର ଏସ ପି ପକ୍ଷରୁ ଆୟୋଜିତ 'ଏକତା ଦୌଡ଼'ରେ ହକି କ୍ୟାଡେଟ୍‌ମାନଙ୍କ ସମେତ ପ୍ରାୟ ୨୦୦ ଜଣ କ୍ରୀଡ଼ାବିତ୍ ଏକତ୍ରିତ ହୋଇ ଅଂଶଗ୍ରହଣ କରିଥିଲେ। ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମଜୟନ୍ତୀ ଅବସରରେ, ଯାହାକୁ ରାଷ୍ଟ୍ରୀୟ ଏକତା ଦିବସ ଭାବେ ପାଳନ କରାଯାଏ, ଅକ୍ଟୋବର, ୩୧ ତାରିଖ ସକାଳେ ଇସ୍ପାତ ଷ୍ଟାଡିୟମ୍‌ରେ ଏହି ଦୌଡ଼ ଆୟୋଜିତ ହୋଇଥିଲା। ଏହି ଅବସରରେ ସି ଜି ଏମ (ଟି ଇ ଓ ହର୍ଟିକଲଚର), ଶ୍ରୀ ସି. ଏମ୍. ଚୁଘ, ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏକତା ଦୌଡ଼ର ଶୁଭାରମ୍ଭ କରିଥିଲେ। ଜି ଏମ (ପ୍ରୋଟୋକଲ୍ ସର୍ଭିସେସ୍), ଶ୍ରୀ ଜେ. ପି. ମିଶ୍ର, ଜି ଏମ (ହର୍ଟିକଲଚର) ଓ ଇନ୍‌ଚାର୍ଜ ଜ୍ରେଡ୍ ଡି ପି, ଡଃ ଅଭିଜିତ ବିଶ୍ୱାସ, ପ୍ଲାଂଟ ଓ ଟାଉନ୍‌ର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଏବଂ ଇସ୍ପାତ ନଗରୀର ବହୁ ସଂଖ୍ୟକ ଅଧିବାସୀ ଏହି ଅବସରରେ ଉପସ୍ଥିତ ଥିଲେ। ଶ୍ରୀ ଚୁଘ ଉପସ୍ଥିତ ସମସ୍ତ ଅଂଶଗ୍ରହଣକାରୀଙ୍କୁ ଏକତାର ଶପଥ ମଧ୍ୟ ପାଠ କରାଇଥିଲେ। ଶ୍ରୀ ବୁଧୁ ସିଂ, ସହକାରୀ ପ୍ରବନ୍ଧକ (ପ୍ରୋଟୋକଲ୍ ସର୍ଭିସେସ୍), ଏହି କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।

ଜାତୀୟ ଏକତା ଦିବସ ପାଳିତ

ଜୟପୁର,୧/୧୧(ନି/ପ୍ର): ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମଜୟନ୍ତୀ ଅବସରରେ ଆଜି ଜାତୀୟ ଏକତା ଦିବସ (ରାଷ୍ଟ୍ରୀୟ ଏକତା ଦିବସ) ଜିଲ୍ଲା ଆଇନ ସେବା ପ୍ରାଧିକରଣ, କୋରାପୁଟ-ଜୟପୁର ପକ୍ଷରୁ ପାଳନ କରାଯାଇଥିଲା। ଏହି ଅବସରରେ ଜାତୀୟ ଏକତା, ଅଖଣ୍ଡତା ଓ ଦେଶର ସୁରକ୍ଷା ନିମନ୍ତେ ସମସ୍ତେ ଏକତ୍ରିତ ହୋଇ କାର୍ଯ୍ୟ କରିବା ସହିତ ଦେଶର ଐକ୍ୟ ଓ ସଂହତି ବଜାୟ ରଖିବାକୁ ଆହ୍ୱାନ ଦିଆଯାଇଥିଲା। ଏଥିସହ ସମ୍ବିଧାନର ମୌଳିକ ମୂଲ୍ୟବୋଧ, ସାମାଜିକ ସମାନତା, ଭାଇଚାରା ଓ ନ୍ୟାୟ ପ୍ରତିଷ୍ଠା ଦିଗରେ ସମସ୍ତଙ୍କ ଭୂମିକା ଉପରେ ଆଲୋକପାତ କରାଯାଇଥିଲା। କାର୍ଯ୍ୟକ୍ରମରେ ଉପସ୍ଥିତ ସମସ୍ତଙ୍କୁ ଜାତୀୟ ଏକତା ଦିବସ ଶପଥ ପାଠ କରାଯାଇଥିଲା। ଦେଶର ଏକତା, ଅଖଣ୍ଡତା ଓ ସୁରକ୍ଷା ରକ୍ଷା କରିବା ସହ ନାଗରିକଙ୍କ ମଧ୍ୟରେ ଏକତା ଓ ସଦ୍ଭାବନା ବୃଦ୍ଧି କରିବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ବୋଲି ମତ ପ୍ରକାଶ ପାଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରାଧିକରଣର ଅଧିକାରୀ, କର୍ମଚାରୀ ଓ ଅନ୍ୟାନ୍ୟ ଉପସ୍ଥିତ ବ୍ୟକ୍ତିବିଶେଷ ଯୋଗଦାନ କରିଥିଲେ।